# ଗର୍ବିତ ଓଡିଆ

ODIA WEEKLY ● GARVIT ODIA


## ପାଣ୍ଡିଆନ୍ ୨.0 ଲୋଡିଂ; ସୁଜାତା ଆକ୍ଟିଭ୍

## ଏମାନେ ଅଣ୍ଡିରି ପୁଅ ଉଦ୍ଧବ !

## ମୁଖ୍ୟମନ୍ତ୍ରୀ ହେବାର ନଥିଲା ଜାନକୀ

## ଧର୍ମେନ୍ଦ୍ରଙ୍କୁ ମୋଦିଙ୍କ ସାର୍ଟିଫିକେଟ୍

## ଚକିତ କରୁଛି ଶାହଙ୍କ ନୂଆ ରଣନୀତି


## 'ଛତିଶଗଡ ନିକଟରେ ମୁଣ୍ଡ ବିକିଦେଲେ'

ଭଲ ଲାଗିଲେ ଟଙ୍କାଟିଏ ଦିଅନ୍ତୁ


PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-32 29 JUNE - 05 JULY 2026 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୩୨ ୨୯ ଜୁନ୍ - ୦୫ ଜୁଲାଇ ୨୦୨୬ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର



# ଗୁରୁଜୀଙ୍କ ଚାଟଶାଳୀ

ବହି ପ୍ରସ୍ତୁତି ଦାୟିତ୍ୱରେ ଥିବା ବ୍ୟକ୍ତିମାନେ କିଛି ସମୟ ପାଇଁ ବୁଦ୍ଧିକୁ ସବୁ ପୋଡ଼ି ଖାଇ ଦେଇଥିଲେ। ଅତ୍ୟନ୍ତ ଚରମ ଦାୟିତ୍ୱହୀନତାର ଏହା ନିଦର୍ଶନ।

ବହି ଆମକୁ ଜ୍ଞାନ ଦିଏ। ବହି ଆମକୁ ନିର୍ଭୁଲ କଥା ଶିଖାଏ। ହେଲେ ଛୋଟ ପିଲାଙ୍କ ବହିରେ ହଜାର ହଜାର ତ୍ରୁଟି ସାଧାରଣ ଜନତାଙ୍କ ମନରେ ତୀବ୍ର ଅସନ୍ତୋଷ ସୃଷ୍ଟିକରିଛି। ହଁ, ହ୍ୟୁମାନ ଏରର ବା ମାନବ ତ୍ରୁଟି ବେଳେବେଳେ ରହେ। ଛୋଟମୋଟ ଦି ଚାରିଟା ଭୁଲକୁ ସମସ୍ତେ ଡିଟିପି ଏରର ବୋଲି ବି କୁହନ୍ତି। କିନ୍ତୁ ସମ୍ପ୍ରତି ପାଠ୍ୟପୁସ୍ତକରେ ଯେଉଁ ଭୁଲ୍ ରହିଛି ତାହା ଅକ୍ଷମଣୀୟ। ଯାହିତାହି ଭାବେ ଅନୁବାଦ କରାଯାଇଛି। ଦାୟିତ୍ୱରେ ଥିବା ଅଧିକାରୀମାନେ ଅନୁବାଦ କାମତକ ଆଉ କାହାକୁ ଦେଇ ଦେଇଛନ୍ତି। ଗଞ୍ଜେଇ ଟାଣି ପ୍ରୁଫ୍ ରିଡ଼ିଂ କରିବା ଭଳି ପ୍ରତୀୟମାନ ହେଉଛି। ଡିଟିପି ଅପରେଟର ବି ପେଶାଦାର ନୁହଁନ୍ତି। କେଉଁ ଏକ ଏଜେନ୍ସୀ ଜରିଆରେ ଏଆଇ ଦ୍ୱାରା ଗୁରୁଚଣ୍ଡାଳ ତ୍ରୁଟି କରାଯାଇଛି। ମନେହେଉଛି ବହି ପ୍ରସ୍ତୁତି ଦାୟିତ୍ୱରେ ଥିବାବ୍ୟକ୍ତିମାନେ କିଛି ସମୟ ପାଇଁ ବୁଦ୍ଧିକୁ ସବୁ ପୋଡ଼ି ଖାଇ ଦେଇଥିଲେ। ଅତ୍ୟନ୍ତ ଚରମ ଦାୟିତ୍ୱହୀନତାର ଏହା ନିଦର୍ଶନ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଗୁରୁଜୀ ଥିବାରୁ ସ୍ୱାଭାବିକ ଭାବେ ସେ ସମାଲୋଚନାର ଶରବ୍ୟ ହୋଇଛନ୍ତି। ଓଡ଼ିଆ କହିପାରୁନଥିବା ନବୀନ ବାବୁଙ୍କ ସମୟରେ ଏମିତି ସ୍ଥିତି ସୃଷ୍ଟି ହୋଇନଥିଲା। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ସରକାରୀ ଅଫିସରମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ହଁ, ଦାୟିତ୍ୱରେ ଥିବାରୁ ସେମାନେ ଦୋଷୀ। କିନ୍ତୁ ସରକାର ଯେଉଁ କମିଟି ଗଢ଼ିଥିଲେ, ଯିଏ ବହି ଅନୁବାଦ ଦାୟିତ୍ୱ ନେଇଥିଲେ ସେମାନେ କ'ଣ ଦୋଷୀ ନୁହଁନ୍ତି କି ? ବହି ଡିଜାଇନ୍ ଦାୟିତ୍ୱ ନେଇଥିବା ବ୍ୟକ୍ତିମାନେ ନିଜର ଉତ୍ତରଦାୟିତ୍ୱରୁ ଖସିଯିବେ କେମିତି ? ବୁଦ୍ଧିଜୀବୀ ବୋଲାଉଥିବା ଲୋକମାନଙ୍କ ଉପରେ ଆକ୍ସନ ହେବା ଦରକାର। ଲୋକେ ଜାଣନ୍ତୁ, ମଞ୍ଚ ଉପରେ ନିଜକୁ ବିଜ୍ଞ ବୋଲାଉଥିବା ଏହି ବ୍ୟକ୍ତିମାନେ କିଭଳି ଜଣେ ଜଣେ ଗଣ୍ଡମୁର୍ଖ। କେଉଁ ବ୍ୟକ୍ତି କେଉଁ କେଉଁ ବହିର ଅନୁବାଦ, ପ୍ରୁଫ ରିଡ଼ିଂ ଦାୟିତ୍ୱ ନେଇଥିଲେ ସେମାନଙ୍କ ଫଟୋ ସାମ୍ନାକୁ ଆସୁ। ଛୋଟ ପିଲାଙ୍କ ଆଗରେ ହିଁ ସେମାନଙ୍କୁ ଛୋଟ କରାଗଲେ ତାହା ହିଁ ହେବ ଅସଲ ଦଣ୍ଡ।




## ବାବା ଅବ୍ଜର୍ଭାନନ୍ଦ

ଏଇ ଦଳର ମଉଡ଼ମଣୀ ଲୋ
ଆମ ସୁଜାତା ଅପା,
ଦଳକୁ ଯେବେଠୁ ଆସିଲେ ସିଏ ଲୋ
ବୁଢା କିଛି ହେଲେ ଖପା ଲୋ
ଆମ ସୁଜାତା ଅପା ।

ପାଣ୍ଡିଆନ କି ସେ ରାଉତ
ଦେଖ ପଡ଼ିଲା ହୁରି,
ସ୍ୱାମୀର ସାଙ୍ଗିଆ କାହିଁକି ଛାଡ଼ିଲେ
ସାମ୍ବାଦିକ ହୁଏ ଘୋରି ଲୋ
ମୁଣ୍ଡ ଯାଉଛି ଘୂରି ।

ଶ୍ରୀମୟୀ ମାରନ୍ତି ବାଣ ଲୋ
ଲେଖି ନାନାଦି କଥା,
ଟିକେଟ ଦେଲାନି ଦଳ ବୋଲି ପରା
ବିଦ୍ରୋହ କରିକି ନାନୀ ଲୋ
ମୁଣ୍ଡ ହେଉଛି ବଥା ।

ସାଧାରଣ କର୍ମୀ ସିଏ ଲୋ
କହିଲେ ଶଙ୍ଖପତି,
ବିଜେଡି ନେତାଏଁ ଏମିତି ଘେରନ୍ତି
ତାଙ୍କ ବିନା ଆଉ ନାହିଁ ଲୋ
ସତେ କି ଆନଗତି ।

ବିରୋଧୀଙ୍କ ଛାତି ଫାଟେ ଲୋ
ଶୁଣି ଅପାଙ୍କ ବାଣୀ,
ଓଡ଼ିଆ ଅସ୍ମିତା କାମ ଦେବନାହିଁ
ନୁଆ ପ୍ରସଙ୍ଗ ଖୋଜନ୍ତି ଲୋ
ମୁଦା କରିବେ ପୁଣି ।

ଆଗକୁ ଆସୁଛି ଦେଖ ଲୋ
ପଞ୍ଚାୟତ ଲଢେଇ,
କାହା ମୁଣ୍ଡେ ଦେବେ ସୁବର୍ଣ୍ଣ ମୁକୁଟ
କାହାକୁ ଓଡ଼ିଶା ଲୋକେ ଲୋ
ଦେଖ ଦେବେ ଗଡ଼େଇ ।

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

# ହରି ଭାଇ 'ଶ୍ରେଷ୍ଠ'

ବାବୁସାନ ଓ କମେଡ଼ିଆନ ହରିହର ମହାପାତ୍ର ଶ୍ରେଷ୍ଠ ଅଭିନେତା ପୁରସ୍କାର ପାଇଲେ। ବାବୁଶାନ୍ ଆଜିକା ଦିନରେ ନମ୍ବର ୱାନ ହିରୋ। ତେଣୁ କିଛି କଥା ନାହିଁ। ହେଲେ ହରିହରଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ଦେବା ଘଟଣା ଅନେକଙ୍କ ଦେହରେ ଯାଉନି। ସୋସିଆଲ ମିଡ଼ିଆରେ ବିଜେଡ଼ି ବାଲାଏ ହରି ଭାଇଙ୍କୁ ହଲାପଟା କରୁଛନ୍ତି। ଲୋକେ କହୁଛନ୍ତି, ହରି ଭାଇ ଅଭି (ଏବେ) 'ଫୁଲନେତା' ଭାବେ ପୁରସ୍କାର ହାତେଇ ନେଇଛନ୍ତି।



ହରି ଆଉ ପିଙ୍କି ପୁରସ୍କାର ପାଇଲେ ବୋଲି ଫୁଲଦଳର କିଛି ନେତା ନେତ୍ରୀ ବି ମୁହଁକୁ ଆମ୍ବିଳା କରିପକାଇଛନ୍ତି। ହେଲେ ବାବୁ ଏ ପରା ଦେଇଥିଲେ ପାଇ ନୀତି। କେତେ କଳାକାର ଆସୁଛନ୍ତି ପୁଣି ଯାଉଛନ୍ତି। ହେଲେ ଦଳ ପାଇଁ ଏତେ ରିସ୍କ କିଏ ନେଇଛି ବା ? ଆଉ ସେତେବେଳେ କାର୍ତ୍ତିକ ବାବୁଙ୍କର ଯୋଉ ପାୱାର, ପାଟିରୁ ପଦେ ଖସିଲେ ସିଧା ଝାରପଡ଼ା। ହେଲେ ହରି ଭାଇ କଣ ଆମର ହାରିବ ? ନାଚି ଦେଲା ପଦେ। ରତ୍ନଭଣ୍ଡାର ଚାବିକି ନେଇ ସିଧା ହାବେଳି ବାଣ ମାରିଲା ଯେ, ତାମିଲନାଡୁଠୁ ନେଇ ଓଡ଼ିଶାରେ ଦୀପାବଳୀ ହେଇଗଲା। ଏବେ ଗଣତି ମଣତି ପରେ ରାଇଜସାରା ଲୋକ ତାଙ୍କୁ ଯୋଉ ଟାହି ଟାପରା କରୁଛନ୍ତି ତାକୁ ସମ୍ଭାଳିବା କଣ କମ କଥା। ସେପଟେ ପିଙ୍କି ଅପା କଣ କିଛି କରିନାହାନ୍ତି ? ପ୍ରଚାର ବେଳେ ପ୍ରବଳ ଖରାରେ କଳସୀ କାନ୍ଧେଇ ବୁଲିବା କଣ କମି କଥା ? ନେତା ହୋଟେଲରେ ରହି ଏସି ଗାଡ଼ିରେ ବୁଲୁଥିଲେ। ହେଲେ ପିଙ୍କି ଅପାଙ୍କ ଖଟଣୀ ଯିଏ ଦେଖିନି, ସିଏ ବିଶ୍ୱାସ କେମିତି କରିବ? ଏମିତିକି ମୁଖ୍ୟମନ୍ତ୍ରୀ ଆମର କହିଛନ୍ତି, ସେମାନେ ଆମ ଦଳର, ଆମ ପରିବାରର। ମୁଖିଆଙ୍କ ଏହି ପଦିଏ କଥାକୁ ନେଇ ବିଜେଡ଼ି ଟ୍ରୋଲ ବାହିନୀ ହରି ଭାଇ-ପିଙ୍କି ନାନୀ ପଛରେ ପଡ଼ିଯାଇଛନ୍ତି।

ବି.ଦ୍ର: 'ଗର୍ବିତ ଓଡ଼ିଆ' ସଂକ୍ରାନ୍ତୀୟ ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣୀ ଭୁବନେଶ୍ୱର କୋର୍ଟରେ କରାଯିବ।

**ଡିସେମ୍ବର ୨ ସଂସ୍କରଣରେ 'ଗର୍ବିତ ଓଡ଼ିଆ' ଲେଖିଥିଲା, 'ଯଦି ସୁଜାତା ଶଙ୍ଖ ଫୁଙ୍କନ୍ତି'। ଏନେଇ ଆମେ ଏକ ବିଶଦ ରାଜନୀତିକ ଅନୁଶୀଳନ କରିଥିଲୁ। ଆମର ଅନୁଶୀଳନ ପ୍ରାୟ ୯୦% ସଠିକ୍ ସାବ୍ୟସ୍ତ ହୋଇଛି। ସୁଜାତା ଆସିବା ପରେ କେବଳ ଶଙ୍ଖ ଭବନରେ କମ୍ପନ ହେବବୋଲି ଯେଉଁ ପୂର୍ବାନୁମାନ କରିଥିଲୁ, ସେଥିରେ ଟିକେ ଓଲମବିଲମ ହୋଇଛି। ସୁଜାତା ଶଙ୍ଖ ଧରିବା ପରେ ବିଜେଡ଼ିରେ କମ୍ପନ ଅନୁଭୂତ ହୋଇନି। ଏହାର ଦୁଇଟି କାରଣ ହୋଇଥାଇପାରେ, ଗୋଟିଏ ହେଉଛି ଝଡ଼ ପୂର୍ବର ନୀରବତା, ଅନ୍ୟଟି ହେଉଛି ଭୟ।**

# ପାଣ୍ଡିଆନ୍ ୨.୦ ଲୋଡ଼ିଂ...

# ସୁଜାତା ଆକ୍ଟିଭ

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA



## ସୁଜାତାଙ୍କ ରୂପରେ ପାଣ୍ଡିଆନ୍

ଏକଦା ବିଜେଡ଼ିର ହର୍ତ୍ତା କର୍ତ୍ତା ଦଇବ ବିଧାତା ଥିବା ଭିକେ ପାଣ୍ଡିଆନଙ୍କ ପତ୍ନୀ ସୁଜାତା କାର୍ତ୍ତିକେୟନ୍ ଶଙ୍ଖ ଫୁଙ୍କିଛନ୍ତି। ପତ୍ନୀଙ୍କ ରୂପରେ ପାଣ୍ଡିଆନ୍ ହିଁ ଦଳକୁ ଫେରିଛନ୍ତି ବୋଲି କହିଲେ ଭୁଲ୍ ହେବନାହିଁ। ହେଲେ ସୁଜାତାଙ୍କ ମିଶ୍ରଣ ପର୍ବରେ ନବୀନ ଅନେକ ବାର୍ତ୍ତା ଦେଇଛନ୍ତି। ଯାହାକୁ ନେଇ ରାଜନୀତିକ ଅଳିନ୍ଦରେ ସ୍ୱାଭାବିକ ଭାବେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

## କାହା ନେତୃତ୍ୱରେ ଲଢୁଥିଲା ବିଜେଡ଼ି?

ସାରା ଦେଶ ଜାଣିଛି ଓଡ଼ିଶାରେ ବିଜେଡ଼ି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଲଢିଆସୁଛି। ଆଜି ନୁହଁ, ୧୯୯୮ରୁ ଦଳର ସେ ମଙ୍ଗ ଧରିଛନ୍ତି। ୨୦୦୦ରୁ ୨୦୨୪ ପର୍ଯ୍ୟନ୍ତ, ଛଅଟି ଯାକ ନିର୍ବାଚନରେ ନବୀନଙ୍କ ନେତୃତ୍ୱରେ ଦଳ ଲଢ଼ିଛି। ସୁଜାତାଙ୍କ ମିଶ୍ରଣ ପର୍ବ ବେଳେ ଦଳୀୟ ନେତାଙ୍କୁ ନବୀନ କହିଥିଲେଯେ, ଆଗାମୀ ନିର୍ବାଚନରେ ତାଙ୍କ (ନବୀନଙ୍କ) ନେତୃତ୍ୱରେ ଦଳ ନିର୍ବାଚନ ଲଢ଼ିବ। ହେଲେ ଏଭଳି ସ୍ପଷ୍ଟୀକରଣର

## ସୁଜାତା ରାଉତ

ସୁଜାତାଙ୍କୁ ଦଳରେ ମିଶାଇବା ପରେ ନବୀନ ବାବୁ ଗଣମାଧ୍ୟମରେ କହିଲେ, ସୁଜାତା ରାଉତ। ଆଜିକା ଦିନରେ ସରକାରୀ ନଥିପତ୍ରରେ ସୁଜାତାଙ୍କ ନାଁ ହେଉଛି ସୁଜାତା ଆର. କାର୍ତ୍ତିକେୟନ। ଆପଣଙ୍କର ମନେଥିବ, ଯେତେବେଳେ ଭୈରବ କାର୍ତ୍ତିକେୟନ ପାଣ୍ଡିଆନ୍ ବିଜେଡ଼ିରେ ମିଶିଲେ ସେତେବେଳେ ବିଜେଡ଼ି ପକ୍ଷରୁ ତାଙ୍କୁ କାର୍ତ୍ତିକ ପାଣ୍ଡିଆନ୍ ବୋଲି କୁହାଗଲା। ତାମିଲ ଛିଟା ବେଶୀ ନଲଗାଇବା ପାଇଁ କାର୍ତ୍ତିକେୟନଙ୍କୁ କାର୍ତ୍ତିକ କରାଗଲା। ଏବେ ଠିକ୍ ସେମିତି ସୁଜାତା ଆର. କାର୍ତ୍ତିକେୟନଙ୍କୁ ସୁଜାତା ରାଉତ ବୋଲି ନବୀନ କହିଛନ୍ତି। ଅବଶ୍ୟ ସୁଜାତା ଆଫିଡେ଼ଭିଟ୍‌ରେ ନାଁ ବଦଳାଇଛନ୍ତି କି ନାହିଁ ଆମକୁ ଜଣାନାହିଁ। ତେବେ ନବୀନଙ୍କ ଏଭଳି କହିବା ପଛରେ ରହସ୍ୟ ହେଉଛି ସୁଜାତା ରାଉତଙ୍କୁ ପାଣ୍ଡିଆନଙ୍କ ପତ୍ନୀ ଭାବେ ନବିଚାରି ଏ ମାଟିର ଝିଅ ଭାବେ ବିଚାର କରନ୍ତୁ। କାହିଁକିନା ବିଜେଡ଼ିକୁ ଓଡ଼ିଆ ଅସ୍ମିତା କିଭଳି ନଯାନ୍ତ କରିଛି ତାହା ୨୦୨୪ ନିର୍ବାଚନ ବେଳେ ନବୀନ ବାବୁ ମର୍ମେମର୍ମେ ଅନୁଭବ କରିଛନ୍ତି।

ଆବଶ୍ୟକତା କାହିଁକି ପଡ଼ିଲା? ଏହା ପଛର ଗୂଢ଼ ରହସ୍ୟଟି ହେଉଛି, ୨୦୨୪ରେ ଏହି କାରଣରୁ ହିଁ ନବୀନ କ୍ଷମତାରୁ ଯାଇଥିଲେ। ପାଣ୍ଡିଆନ୍ ସାରା ଓଡ଼ିଶାରେ ପ୍ରଚାର କରିଥିବାବେଳେ ନବୀନ ଅଳ୍ପ କିଛି ସ୍ଥାନରେ ପ୍ରଚାର କରିଥିଲେ। ତେଣୁ ନବୀନଙ୍କ ବଦଳରେ ପାଣ୍ଡିଆନ ହିଁ ନେତୃତ୍ୱ ନେଉଛନ୍ତି ବୋଲି ବାର୍ତ୍ତା ଯାଇଥିଲା। ସେହିପରି ସୁଜାତା ଆସିବେ ବୋଲି ଦୀର୍ଘ କିଛି ମାସ ଧରି ଚର୍ଚ୍ଚା ହେଉଥିବାବେଳେ, ଦଳର ଅନେକ ନେତା ଓ କର୍ମୀଙ୍କ ପାଖରେ ସୁଜାତାଙ୍କ ନେତୃତ୍ୱରେ ଦଳ ଲଢ଼ିବ ବୋଲି ବାର୍ତ୍ତା ପହଁଚିଛି। ତେଣୁ ନେତାଙ୍କ ଆଗରେ ନବୀନଙ୍କୁ ସ୍ପଷ୍ଟୀକରଣ ଦେବାକୁ ପଡ଼ିଥିଲା। କାହିଁକିନା ସୁଜାତା ନେତୃତ୍ୱ ନେବେବୋଲି ବାର୍ତ୍ତା ଗଲେ ଦଳର ବହୁ ବରିଷ୍ଠ ନେତା ଖପ୍ପା ହେବାର ଆଶଙ୍କା ରହିଛି।


## ସୁଜାତା ସାଧାରଣ କର୍ମୀ ?

ସୁଜାତାଙ୍କୁ ନବୀନ ଜଣେ ସାଧାରଣ କର୍ମୀ ବୋଲି କହିଲେ। କୌଣସି ନେତାଙ୍କ ମିଶ୍ରଣ ବେଳେ, ନବୀନ ଏମିତି କହିନାହାନ୍ତି। ବରଂ ନେତା କି ନେତ୍ରୀ ହିଁ ସୌଜନ୍ୟ ଓ ବିନମ୍ରତା ଦୃଷ୍ଟିରୁ ନିଜକୁ ସାଧାରଣ କର୍ମୀ ବୋଲି ଦର୍ଶାଇଛନ୍ତି। କିଛି ନେତାଙ୍କ ମନରେ ଧାରଣା ରହିଛି, ସୁଜାତା ହିଁ ଆଗାମୀ ଦିନରେ ଦଳର ମଙ୍ଗ ଧରିବେ। ସ୍ୱାମୀଙ୍କ ଢାଞ୍ଚାରେ ନବୀନ ବାବୁଙ୍କ ଜରିଆରେ ସେ ଦଳ ପରିଚାଳନା କରିବେ। ପାଣ୍ଡିଆନଙ୍କ ଭଳି ସୁଜାତାଙ୍କ ପାଖରେ ବି ହାତଯୋଡ଼ି ଠିଆ ହେବାକୁ ପଡ଼ିବ। ଯାହାକୁ ଆଖିଆଗରେ ରଖି ନବୀନ ନେତାଙ୍କୁ ଏଭଳି ବାର୍ତ୍ତା ଦେଇଛନ୍ତି। ହେଲେ ଏଠି ମନେ ପକାଇ ଦେବାକୁ ଚାହୁଁଛୁଯେ, ୨୦୨୩ ନଭେମ୍ବର ୨୭ରେ ପାଣ୍ଡିଆନ୍ ବିଜେଡ଼ିର ମଙ୍ଗ ଧରିଥିଲେ। ସେହି ସମୟରେ ସେ ବି ଜଣେ ସାଧାରଣ କର୍ମୀ ଥିଲେ। ହେଲେ ଦଳୀୟ ନେତାଙ୍କ ପୋଷ୍ଟରରେ କିନ୍ତୁ ପାଣ୍ଡିଆନଙ୍କ ଫଟୋ ଚମକୁଥିଲା।

ବିଜେଡ଼ିରେ ଅନେକ ମିଶ୍ରଣ ପର୍ବ ହୋଇଛି। ସାଧାରଣ କର୍ମୀ ଭାବେ ଯିଏ ମିଶନ୍ତି ତାଙ୍କୁ ଦେବୀ ପ୍ରସାଦ ମିଶ୍ର କି ପ୍ରତାପ ଜେନା କି ସଂଜୟ ଦାସବର୍ମା ହିଁ ମିଶାନ୍ତି। ନବୀନ ନିବାସରେ ଟାଣୁଆ ନେତାଙ୍କୁ ଦଳରେ ମିଶା ଯାଇଥାଏ। ହେଲେ ସାଧାରଣ କର୍ମୀଙ୍କ ପାଇଁ କେବେ ଶଙ୍ଖ ଭବନରେ ଭବ୍ୟ ଆୟୋଜନ କରାଯିବାର ନଜିର ନାହିଁ। ସୁଜାତାଙ୍କୁ ଦଳରେ ମିଶାଇବା ପୂର୍ବରୁ ବିଜେଡ଼ି ଭବ୍ୟ ଆୟୋଜନ କରିଥିଲା। ଦଳର ସବୁ ବିଧାୟକ, ଜିଲ୍ଲା ସଭାପତି, ରାଜ୍ୟସ୍ତରୀୟ ନେତା, ସାଂସଦ ଓ ଅନ୍ୟ ଟାଣୁଆ ନେତାଙ୍କୁ ଡକା ଯାଇଥିଲା। ଶଙ୍ଖଭବନରେ ଟାଣୁଆ ନେତାମାନେ ପହଁଚି ଯାଇଥିଲେ। ମିଟିଂ ଆଳରେ ନବୀନ ସମସ୍ତଙ୍କୁ ଡକାଇଥିଲେବି ବାସ୍ତବରେ ସୁଜାତାଙ୍କୁ ସେ କେତେ ଗୁରୁତ୍ୱ ଦେଉଛନ୍ତି ତାହା ବି ପରୋକ୍ଷରେ ଦର୍ଶାଇଥିଲେ। ତେଣୁ ସୁଜାତା ଖାଲି କହିବା ବାହୁଲ୍ୟ ଭାବେ ସାଧାରଣ କର୍ମୀ, କିନ୍ତୁ ବାସ୍ତବରେ ସେ ବିଜେଡ଼ି ପାଇଁ ଅସାଧାରଣ ନେତା କହିଲେ କେହି ଦ୍ୱିମତ ହେବେନାହିଁ।

## ପ୍ରଚାର ପାଇଁ ସମାନ ସ୍କ୍ରିପ୍ଟ

ସୁଜାତାଙ୍କର କିଭଳି ପ୍ରଚାର ପ୍ରସାର ହେବ ସେନେଇ ଆଇଟି ସେଲ୍, ସୋସିଆଲ ମିଡ଼ିଆ ସେଲ୍, ଭଡ଼ାଟିଆ ଇନଫ୍ଲୁଏନ୍ସର, ମିଡ଼ିଆ ମ୍ୟାନେଜମେଣ୍ଟ ସବୁ କରାଯାଇଥିଲା। ବଡ଼ ବଡ଼ ଚ୍ୟାନେଲକୁ ୱାନ-ଟୁ-ୱାନ୍ କରିବା ପାଇଁ ଅନୁରୋଧ କରାଯାଇଥିଲା। ସୁଜାତାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଏକ ପିଆର ଏଜେନ୍ସୀ ବି ନିଯୁକ୍ତ କରାଯାଇଛି। ଯେଉଁ ଏଜେନ୍ସୀ କେବଳ ସୁଜାତାଙ୍କ କ୍ରେଜ ବଢ଼ାଇବାକୁ ହିଁ ଗୁରୁତ୍ୱ ଦେବ। ଅତଏବ ପାଣ୍ଡିଆନଙ୍କ ସମୟରେ ଯେମିତି କରାଯାଉଥିଲା ଠିକ୍ ସେମିତି ସମାନ ସ୍କ୍ରିପ୍ଟରେ ନବୀନ ନିବାସରୁ ରଣନୀତି କରାଯାଇଛି।



ODIA WEEKLY • GARVIT ODIA

## ୨୦୨୯ରେ ମୋ ନେତୃତ୍ୱରେ ଦଳ ଲଢ଼ିବ: ନବୀନ

ମୁଁ ଆସନ୍ତା ସାଧାରଣ ନିର୍ବାଚନରେ ଦଳର ନେତୃତ୍ୱ ନେବି। ମୁଁ ଭାବୁଛି ଆମ ପ୍ରିୟ ରାଜ୍ୟବାସୀ ମୋ ସହିତ ଆମ ସମସ୍ତଙ୍କୁ ପୁଣିଥରେ ସରକାର ଗଢ଼ିବାକୁ ଆଶୀର୍ବାଦ କରିବେ। ଓଡ଼ିଶାର ଲୋକଙ୍କ ପାଇଁ ଶାନ୍ତି, ପ୍ରଗତି ଏବଂ ସଚ୍ଚୋଟତାର ସହିତ ଆମେ କାମ କରିବା।

ସୁଜାତା ରାଉତ ଜଣେ ସାଧାରଣ ସଦସ୍ୟ ଭାବରେ ବିଜେଡିରେ ଯୋଗ ଦେଇଛନ୍ତି। ଏପର୍ଯ୍ୟନ୍ତ ତାଙ୍କୁ କୌଣସି ପଦପଦବୀ ଦିଆଯାଇ ନାହିଁ। ତାଙ୍କୁ ଦଳ ଓ ଦଳୀୟ କାର୍ଯ୍ୟ ସହିତ ଅଭ୍ୟସ୍ତ ହେବାକୁ ଦିଆଯାଉ। ଆପଣମାନେ ଜାଣନ୍ତି, ସେ ଭାରତୀୟ ପ୍ରଶାସନିକ ସେବାରେ ଥିଲେ। ସେ ସେହି ପଦବୀରେ ଅନେକ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି। ସବୁଠାରୁ ବଡ କଥା ହେଉଛି ସେ ରାଜ୍ୟର ମହିଳାମାନଙ୍କ ପାଇଁ ବହୁତ କାର୍ଯ୍ୟ କରିଛନ୍ତି। ମୁଁ ନିଶ୍ଚିତଯେ, ଯେତେବେଳେ ସେ ବିଜୁ ଜନତା ଦଳରେ ହେଉଥିବା କାର୍ଯ୍ୟକ୍ରମ ସହିତ ଅଭ୍ୟସ୍ତ ହେବେ, ସେ ଦଳର ଜଣେ ଯୋଗ୍ୟ ସଦସ୍ୟ ଭାବେ ପ୍ରମାଣିତ ହେବେ। ବିଶେଷକରି ମହିଳାମାନଙ୍କର ବିକାଶ ତଥା ସେମାନଙ୍କୁ ସହଯୋଗ ପାଇଁ କାମ କରିବେ। ମୁଁ ତାଙ୍କୁ ପୁଣି ଥରେ ବିଜୁ ଜନତା ଦଳକୁ ସ୍ୱାଗତ କରୁଛି। ଆସନ୍ତା ୨୦୨୯ ସାଧାରଣ ନିର୍ବାଚନ ତାଙ୍କ ନେତୃତ୍ୱରେ ଦଳ ଲଢ଼ିବ ବୋଲି ନବୀନ ଦଳୀୟ ନେତା ଓ କର୍ମୀଙ୍କୁ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି। ସେ କହିଛନ୍ତି ସମସ୍ତଙ୍କ ପାଇଁ ମୁଁ ପୁଣି ଥରେ ଦୋହରାଇବାକୁ ଚାହୁଁଛି ଯେ, ଆଗାମୀ ସାଧାରଣ ନିର୍ବାଚନରେ ମୁଁ ଦଳର ନେତୃତ୍ୱ ନେବି। ରାଜ୍ୟବାସୀଙ୍କର ଆଶୀର୍ବାଦରେ ଆମେ ଏକ ସମୃଦ୍ଧ ଓଡ଼ିଶା ଗଠନ ନିମନ୍ତେ କାର୍ଯ୍ୟ କରିବା।

# ଆସିଲେନି ବଡ଼ ନେତା

## ଦେହ ଅସୁସ୍ଥ ନା ମନ ଅସୁସ୍ଥ



ମିଶ୍ରଣ ପର୍ବରେ ପ୍ରଣବ ପ୍ରକାଶ ଦାସଙ୍କୁ ଦେଖିବାକୁ ମିଳିନଥିଲା। ସେହିପରି ବିକ୍ରମ କେଶରୀ ଆରୁଖ, ପ୍ରସନ୍ନ ଆଚାର୍ଯ୍ୟ, ବଦ୍ରି ନାରାୟଣ ପାତ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଭଳି ନେତା ଆସିନଥିଲେ। ଅରୁଣ ସାହୁ କେତେବେଳେ ଆସି କେଉଁବାଟେ ଖସିଗଲେ ତାହାର ଟେର ବି କେହି ପାଇନଥିଲେ। ଆଜି ଅନେକ ନେତା ବାଇଟ୍ ଦେବାକୁ ବି ଅମଙ୍ଗ ହୋଇଥିଲେ। ପ୍ରୋ-ପାଣ୍ଡିଆନ୍ ଗୋଷ୍ଠୀ ଆଜି ଆନନ୍ଦରେ କୁରୁଳି ଉଠିଥିଲେ। ସତେଯେମିତି ଗୋଡ଼ ତଳେ ଲାଗୁନଥିଲା। ସୁଜାତାଙ୍କ ପାଖ ଲୋକ ହେବା ପାଇଁ କିଛି ମହିଳା ନେତ୍ରୀ ଆଜିଠାରୁ ପ୍ରତିଯୋଗିତା ଆରମ୍ଭ କରିଦେଇଥିଲେ। ସେପଟେ ଆଣ୍ଟି ପାଣ୍ଡିଆନ୍ ଗୋଷ୍ଠୀ କିନ୍ତୁ ବେଶ୍ ଗୁମସୁମ୍ ଥିଲେ। ସେମାନେ ନୀରବରେ ବସି ସବୁ ଦେଖୁଛନ୍ତି। ବୋଧହୁଏ ସୁଜାତାଙ୍କ ମାମଲତି ଆରମ୍ଭ କରିବା ପର୍ଯ୍ୟନ୍ତ ଅପେକ୍ଷା କରିଛନ୍ତି। ତେବେ ବଡ଼ ନେତା କ'ଣ ପାଇଁ ଆସିନଥିଲେ? ସେନେଇ ବିଜେଡ଼ି ପକ୍ଷରୁ କୁହାଯାଇଥିଲା ଦେହ ଅସୁସ୍ଥ। ହେଲେ ଦେହ ଅସୁସ୍ଥ ନା ମନ, ତାହା ମା' ଗଙ୍ଗେଇଙ୍କୁ ହିଁ ଜଣା।

# ବବି ଦାସ, ଜଲଦି ଆସ

୨୦୨୩ ମସିହା ନଭେମ୍ବର ୨୭ ତାରିଖରେ ଭି.କେ. ପାଣ୍ଡିଆନ୍ ବିଜେଡିରେ ଯୋଗଦେଇଥିଲେ। ୨୦୨୬ ଜୁନ୍ ମାସ ୨୫ ତାରିଖରେ ତାଙ୍କର ସ୍ତ୍ରୀ ଶ୍ରୀମତୀ ସୁଜାତା ରାଉତ କାର୍ତ୍ତିକେୟନ୍ ପାଣ୍ଡିଆନ୍ ବିଜେଡିରେ ଯୋଗଦେଲେ। ଫରକ୍ ହେଉଛି କେବଳ ତାରିଖ, ସ୍ଥାନ, କାଳ ଓ ପାତ୍ର (କିଛି କିଛି) ଯାହା ଅଲଗା ଅଲଗା।



ବ୍ୟବସ୍ଥା ସମ୍ପୂର୍ଣ୍ଣ ସମାନ। ପାଣ୍ଡିଆନ୍ ନବୀନ ନିବାସରେ ନବୀନ ପଟ୍ଟନାୟକଙ୍କୁ ପାଦ ଛୁଇଁ ପ୍ରଣାମ କରି ଯେମିତି ଦଳରେ ପ୍ରବେଶ କଲେ ସୁଜାତା ମଧ୍ୟ ଠିକ୍ ସେମିତି ଶଙ୍ଖ ଭବନରେ ନବୀନ ପଟ୍ଟନାୟକଙ୍କୁ ପାଦଛୁଇଁ ଆଶୀର୍ବାଦ ନେଇ ବିଜେଡିରେ ପ୍ରବେଶ କରିଛନ୍ତି। ନବୀନ ପଟ୍ଟନାୟକ ଦେବୀ ମିଶ୍ର ଓ ସ୍ନେହାଙ୍ଗିନୀ ଛୁରିଆ ଏଇ ତିନି ଜଣଙ୍କୁ ଛାଡିଦେଲେ ପାଣ୍ଡିଆନ ବିଜେଡିରେ ଯୋଗଦେବା ଦିନ ଉପସ୍ଥିତ ଅନ୍ୟ କୌଣସି ନେତାଙ୍କୁ ସୁଜାତାଙ୍କ ବିଜେଡି ଯୋଗଦାନ ଅବସରରେ ଶଙ୍ଖଭବନରେ ଦେଖିବାକୁ ମିଳିନି। ତେବେ ସବୁଠାରୁ ବଡ଼ କଥାଟି ହେଉଛି, ପ୍ରବଣ ପ୍ରକାଶ ଦାସ ଅନୁପସ୍ଥିତ ଥିଲେ। ଯାହାକୁ ନେଇ ରାଜନୀତିକ ମହଲରେ ଭିନ୍ନଭିନ୍ନ ଚର୍ଚ୍ଚା ହେଉଥିଲା। କିଏ କହିଲେ ବବି ଦାସଙ୍କୁ କୋଣଠେସା କରିଦିଆଯାଇଛି। ଆଉ କିଏ କହିଲେ, ବବି ବିରୋଧ କରି ଆସିଲେନି। ହେଲେ ବାସ୍ତବ କଥାଟି ହେଲା, ବବି ଗୋଟିଏ ଗୁଳିରେ ଦୁଇଟି ଶିକାର କରିଥିଲେ। ପାଣ୍ଡିଆନଙ୍କ ମିଶ୍ରଣ ବେଳେ ବବି ପୁରୋଭାଗରେ ଥିଲେ। ସାଂଗଠନିକ ସମ୍ପାଦକ ଭାବେ ପାଣ୍ଡିଆନଙ୍କୁ ସେ ଦଳକୁ ସ୍ୱାଗତ କରିଥିଲେ। ଏହା ନବୀନ ବାବୁଙ୍କ ନିଷ୍ପତ୍ତି ଥିଲେବି କିଛି ବରିଷ୍ଠ ନେତା ବବି ଦାସଙ୍କ ଉପରେ ଦୋଷ ଲଦିଥିଲେ। ୨୦୨୪ ନିର୍ବାଚନରେ ଦଳ ହାରିବା ପରେ ପାଣ୍ଡିଆନଙ୍କ ସହ ବବି ଦାସଙ୍କୁ ଭିଲିଆନ୍ ସଜାଇ ଦିଆଗଲା। ଯେତେବେଳେକି ସମ୍ବଲପୁରରେ ଧର୍ମେନ୍ଦ୍ରଙ୍କ ସହ ଜଟିଳ ଯୁଦ୍ଧ ଲଢ଼ିବା ଭିତରେ ୨୦୨୪ ନିର୍ବାଚନ ସରି ଯାଇଥିଲା। ଟିକେଟ ଆବଣ୍ଟନରେ ବି ପାଣ୍ଡିଆନ୍ ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଦଳର ନିର୍ବାଚନ ରଣନୀତି ପାଣ୍ଡିଆନ୍ ହିଁ କରିଥିଲେ। ତେଣୁ ଏଥର ସୁଜାତାଙ୍କ ମିଶ୍ରଣ ପର୍ବରେ ବବି ଅନୁପସ୍ଥିତ ରହିଲେ। ତେବେ ନବୀନଙ୍କ ନିର୍ଦ୍ଦେଶ ଶିରୋଧାର୍ଯ୍ୟ ବୋଲି ଦର୍ଶାଇବା ପାଇଁ ତା'ପରଦିନ ବବି ଦାସ-ସୁଜାତାଙ୍କ ଫଟୋ ଶଙ୍ଖଭବନରୁ ଆସିଥିଲା। ଅତଏବ ସେ କୋଣଠେସା ନୁହଁନ୍ତି ବରଂ ନବୀନଙ୍କର ପ୍ରିୟ ବୋଲି ବାର୍ତ୍ତା ଦେବାରେ ସଫଳ ହୋଇଥିଲେ।

## ଅସ୍ମିତା ବାଉଳା, ନାମ ବଦଳା

# 'କାର୍ତ୍ତିକ' ଓ 'ରାଉତ'



ଆଗରୁ ଥିଲା 'ପ୍ୟାର କେ ଲିୟେ କୁଛ ଭି କରେଗା'। ଏବେ 'ରାଜନୀତି କେ ଲିୟେ କୁଛ ଭି କରେଗା'। ଆମେ କହୁଛୁ 'କାର୍ତ୍ତିକ' ଓ 'ରାଉତ'ଙ୍କ କଥା। ରାଜନୀତି ପାଇଁ କିଭଳି ଭାବେ ନାମ ଓ ସାଙ୍ଗିଆ ବି ବଦଳିଯାଇଛି। ପାଠକେଙ୍କର ମନେଥିବ, ଭୈରବ କାର୍ତ୍ତିକେୟନ ପାଣ୍ଡିଆନ୍ ବିଜେଡ଼ିକୁ ଆସିବା ପରେ ପୋଷ୍ଟର ଓ ପ୍ରେସ ରିଲିଜ୍‌ରେ କାର୍ତ୍ତିକ ପାଣ୍ଡିଆନ୍ ଲେଖାଗଲା। କାର୍ତ୍ତିକେୟନରେ ତାମିଲ ଫିଲ୍ ଥିବାରୁ ଓଡ଼ିଆ ବାସ୍ନା ପାଇଁ ଏମିତି କରାଯାଇଥିଲା।

ଏଇ ନିକଟରେ ଭିକେ ପାଣ୍ଡିଆନଙ୍କ ପତ୍ନୀ ସୁଜାତା ରାଉତ କାର୍ତ୍ତିକେୟନ ବିଜେଡ଼ିରେ ଯୋଗ ଦେଇଛନ୍ତି। ତାଙ୍କ ନାମରୁ ସାଙ୍ଗିଆ ହଟାଇ ଦିଆଯାଇଛି। ଅବଶ୍ୟ ସ୍ୱାମୀଙ୍କ ସାଙ୍ଗିଆ ହଟାଇ ଦିଆଯିବା ସହ ବାପାଙ୍କ ସାଙ୍ଗିଆ ରଖାଯାଇଛି। ଏବେ ସେ ସୁଜାତା ରାଉତଙ୍କ ନାମରେ ପରିଚିତ ହେବେ। ବିଜେଡ଼ି ପକ୍ଷରୁ ଏଥିପାଇଁ କେନ୍ଦ୍ରାପଡ଼ା ଛୁଙ୍କ ଦେଇ 'କଥା' ପରିବେଷଣ କରାଯାଉଛି। ଅବଶ୍ୟ ସୁଜାତା ଓଡ଼ିଆ ଝିଅ ହୋଇଥିବାରୁ ତାଙ୍କୁ ନେଇ ବିଜେପି 'ଅଣଓଡ଼ିଆ' ନାରା ଦେଇପାରିବ ନାହିଁ।

## ‘ସୁଜାତାୟାନ’ର ସଫଳ ଉତ୍କ୍ଷେପଣ, ଲ୍ୟାଣ୍ଡିଂକୁ ଅପେକ୍ଷା

# ବିଜେଡ଼ିରେ ଯେତିକି ଉତ୍ସାହ, ସେତିକି ଡର

**ଭୁବନେଶ୍ୱରରୁ ରାମଚଣ୍ଡୀ ପ୍ରସାଦ ରଣସିଂହ**

ଜୁନ୍ ୨୫ରୁ ରାଜ୍ୟ ରାଜନୀତିର ଫୋକସ୍‌ରେ ଅଛନ୍ତି ସୁଜାତା ରାଉତ କାର୍ତ୍ତିକେୟନ୍। କାହିଁକି ପଞ୍ଚାୟତ ନିର୍ବାଚନ ପୂର୍ବରୁ ସୁଜାତା ଶଙ୍ଖ ଫୁଙ୍କିଲେ? କି ଅଙ୍କ କଷି ନବୀନ-ପାଣ୍ଡିଆନ୍ ସୁଜାତାଙ୍କ ଏଣ୍ଟ୍ରି କଲେ? ବିଜେଡ଼ି ବଢ଼ିବ ନା ଅସ୍ମିତା ଭୂତ ପୁଣି ଖାଇ ଗୋଡ଼ାଇବ? ୨୦୨୪ରେ ପାଣ୍ଡିଆନଙ୍କ ଭଳି ୨୦୨୭ରେ ସୁଜାତା ହିଁ ଦଳର ଷ୍ଟାର ପ୍ରଚାରକ ହେବେକି? ମୋଦି ସରକାରଙ୍କୁ ନେଇ ବିଜେଡ଼ିର ଆଭିମୁଖ୍ୟ କ’ଣ ରହିବ? ଆଗକୁ ପୁଣି ବିଜେଡ଼ି-ବିଜେପି ମେଣ୍ଟ ହେବାର ସମ୍ଭାବନା ରହିଛି କି? ଏମିତି ଗଦାଗଦା ପ୍ରଶ୍ନ ରାଜ୍ୟ ରାଜନୀତିକ ବଳୟରେ ଘୂରିବୁଲୁଛି।

୨୦୨୫ ମେ’ ୩୦ରେ ସୁଜାତା ସ୍ୱେଚ୍ଛାକୃତ ଅବସର ନେବା ପରଠାରୁ ସେ ବିଜେଡ଼ିର ମଙ୍ଗ ଧରିବେ ବୋଲି ଚର୍ଚ୍ଚା ହୋଇ ଆସୁଥିଲା। କିନ୍ତୁ ‘ସୁଜାତାୟାନ’ର ସଫଳ ଉତକ୍ଷେପଣ ପାଇଁ ଜଳବାୟୁ ଅନୁକୂଳ ନଥିବାରୁ ନବୀନ-ପାଣ୍ଡିଆନ୍ ଯୋଜନାକୁ ଟିକେ ବିଳମ୍ବିତ କରିଥିଲେ। କାହିଁକିନା ସେ ସମୟରେ ବିଧାୟକଙ୍କ ମେଳି ଦେଖିବାକୁ ମିଳୁଥିଲା। ପରାଜିତ ନେତାମାନେ ଏକାଠି ବସି ଭୋଜିଭାତ ଆଳରେ ଚାପଗୋଷ୍ଠୀ ତିଆରି କରୁଥିଲେ। ନୂଆପଡ଼ାରେ ଦଳ ବଡ଼ ପରାଜୟ ବରଣ କଲା। ନବୀନ ବାରବାର ପ୍ରଚାରକୁ ଓହ୍ଲାଇଥିଲେବି ଦଳ ୩ ନମ୍ବର ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ରାଜ୍ୟସଭା ନିର୍ବାଚନରେ ବିଜେଡ଼ିର ୮ ବିଧାୟକ କ୍ରସ୍ ଭୋଟିଂ କରିଥିଲେ। ଦଳ ଭିତରେ ଗୋଟିଏ ଗୋଷ୍ଠୀ ସୁଜାତା-ପାଣ୍ଡିଆନଙ୍କ କଟ୍ଟର ବିରୋଧୀ ବି ପାଲଟି ଯାଇଥିଲେ। ସମ୍ ହସପିଟାଲ ମଞ୍ଚରେ ପାଣ୍ଡିଆନଙ୍କ ଡାଇଲଗ୍ - ‘ଆଇ ଆମ ଡାଉନ୍, ବଟ ନଟ୍‌ଆଉଟ’ ସଂଳାପଟି ଏବେବି ଅନେକ ନେତାଙ୍କ କାନରେ ଟାଇଁଟାଇଁ ବାଜୁଛି, ଛାତିରେ ଗଳିଯାଉଛି। ଏମିତି ଅନେକ ପ୍ରତିକୂଳ ରାଜନୀତିକ ପାଣିପାଗ ପାଇଁ ସୁଜାତାଙ୍କ ଏଣ୍ଟ୍ରିରେ ବିଳମ୍ବ ଘଟିଥିଲା।

### ଏବେ କାହିଁକି ?

ଏବେ ସୁଜାତାଙ୍କ ଏଣ୍ଟ୍ରି ପଛରେ ଅନେକ ରହସ୍ୟ ରହିଛି। ଏହାର ପ୍ରମୁଖ ରହସ୍ୟ ହେଉଛି, ସୁଜାତା ଆସିନଥିଲେ ବୋଲି ବର୍ଷେ କାଳ ବିଜେଡ଼ିର ସାଂଗଠନିକ କାର୍ଯ୍ୟକ୍ରମ ଧିମେଇ ଯାଇଥିଲା। ବିଜେଡ଼ିର ସଂଗଠନ ଶଙ୍ଖଭବନ ପ୍ରେସମିଟରୁ ନେଇ ମାଷ୍ଟରକ୍ୟାଣ୍ଟିନ ବିକ୍ଷୋଭ ଭିତରେ ସୀମିତ ରହିଥିଲା। ଶାସକ ଦଳ ଅପେକ୍ଷା ବିରୋଧୀ ଦଳ ଅଧିକା ପରିଶ୍ରମ କରିବା କଥା। ଜିଲ୍ଲାୱାରୀ ସଂଗଠନକୁ ବ୍ୟାପ୍ତ କରିବା କଥା। କିନ୍ତୁ ବିଜେଡ଼ି କେବଳ ମିଡ଼ିଆ ଓ ସୋସିଆଲ ମିଡ଼ିଆରେ ହିଁ ସକ୍ରିୟ ରହିଥିଲା। ଯେଉଁଥିପାଇଁ ଅନେକ ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ, କାଉନସିଲର ବିଜେପି ମୁହାଁ ହୋଇଥିଲେ। ସଂଗଠନକୁ ଜାଣିଶୁଣି ନବୀନ ବାବୁ ସୁପ୍ତ ରଖିଥିଲେ ବୋଲି ଭୁଲ୍ ହେବନାହିଁ। ଆଉ ଦିନ କେଇଟା



ପରେ ବିଜେଡ଼ି ପୁଣି ଚଳଚଞ୍ଚଳ ହୋଇଯିବ। ସୁଜାତା ଶଙ୍ଖଭବନ ଆସିନଥିଲେ ବୋଲି ପ୍ରଚାର, ପ୍ରସାର, ସଂଗଠନ ପାଇଁ ନବୀନ ବାବୁ ସିନ୍ଦୁକ ଖୋଲିନଥିଲେ। ଏବେ ସିନ୍ଦୁକ ଚାବି ସୁଜାତାଙ୍କୁ ମିଳିଯାଇଛି। କେବଳ ତାଙ୍କର ପ୍ରଚାର ପ୍ରସାର ଓ କ୍ରେଜ ବଢ଼ାଇବା ପାଇଁ ଦଳର ଭିନ୍ନଭିନ୍ନ ଆଇଟି ସେଲ୍ ସହ ଏଜେନ୍ସୀମାନେ ବି ଲାଗି ପଡ଼ିଛନ୍ତି। ବିଜେଡ଼ିର ଜଣେ ନେତା ସୁଜାତାଙ୍କ ସହ ୱାନଟୁୱାନ କରିବାକୁ ଟିଭି ମିଡ଼ିଆକୁ ଯେଭଳି କାକୁତିମିନତି ହୋଇ ଅନୁରୋଧ କରୁଥିଲେ, ସେଥିରୁ ଏହା ସ୍ପଷ୍ଟ ପ୍ରତୀୟମାନ।

### ଅସାଧାରଣ କର୍ମୀ

କାଲେ କିଛି ବଡ଼ ନେତା ରାଗିଯିବେ ବୋଲି ନବୀନ ବାବୁ ସୁଜାତାଙ୍କୁ ସାଧାରଣ କର୍ମୀ ବୋଲି ଅଭିହିତ କଲେ। କିନ୍ତୁ ତାଙ୍କ ହାତରେ ସବୁ ପାୱାର ଖଞ୍ଜି ଦେଇଛନ୍ତି। ନଚେତ୍ ସୁଜାତାଙ୍କୁ ସ୍ୱାଗତ କରିବା ପାଇଁ ଦଳର ବଡ଼ ନେତାମାନେ ଖରାରେ ଝାଳନାଳ ହୋଇନଥା’ନ୍ତେ। ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ସୁଜାତା ପୁରୀରେ ପହଁଚିବା ପୂର୍ବରୁ ସାଂସଦ, ବିଧାୟକ, ବରିଷ୍ଠ ନେତାମାନେ ସେଇଠି ଜଗିରହିଲେ। ଦଳର ସବୁ ନେତା ଜାଣିଛନ୍ତି, ପାଣ୍ଡିଆନ୍ ୨.୦ ଭର୍ସନ ନବୀନଙ୍କ ମୁଣ୍ଡରେ ଲୋଡ଼ିଂ ହୋଇଯାଇଛି। ଅତଏବ ସୁଜାତାଙ୍କୁ ବିରୋଧ ମାନେ, ନବୀନଙ୍କୁ ବା ଦଳକୁ ବିରୋଧ ସହ ସମାନ। ସେଇଥିପାଇଁ ଥୋକେ ନେତା ମନ ଭିତରେ କୁହୁଳିଥିବା ଅସନ୍ତୋଷଙ୍କ ଚାପି ରଖି ପ୍ଲାଷ୍ଟିକ୍ ସ୍ମାଇଲ୍ ଦେଉଛନ୍ତି। ଏବେ ସେ ସ୍କୁଲ୍ ପିଲାଙ୍କ ଭଳି ନିୟମିତ ଶଙ୍ଖ ଭବନ ଆସୁଥିବାରୁ ସବୁ ନେତା ଟାଇଟ୍ ହୋଇଯାଇଛନ୍ତି। ନୂଆ ‘ଅପା’ଙ୍କୁ ସ୍ୱାଗତ କରିବାକୁ ଗେଟ୍ ମୁହଁକୁ ଆସିବା ସହ ଲିଫ୍ଟ ପର୍ଯ୍ୟନ୍ତ ଧାଁଧଉଡ଼ ବେଶ୍ ଚମତ୍କାର ହେଉଛି।

### ବିଜେଡ଼ି-ବିଜେପି ମେଣ୍ଟ

ସୁଜାତା ଆସିବା ପରେ ଏବେ ବିଜେଡ଼ି-ବିଜେପି ମେଣ୍ଟକୁ ନେଇ ଚର୍ଚ୍ଚା ଜୋର୍ ଧରିଲାଣି। ସୁଜାତା ହିଁ ବିଜେପିର ଏଜେଣ୍ଟ ବୋଲି ରାଜନୀତିକ ବଳୟରେ ଚର୍ଚ୍ଚା ହେଉଛି। କେନ୍ଦ୍ରୀୟ ବିଜେପି ନେତୃତ୍ୱଙ୍କ ରଣନୀତିର ଅଂଶବିଶେଷ ହେଉଛନ୍ତି ସୁଜାତା। ସୁଜାତାଙ୍କ ଏଣ୍ଟ୍ରିକୁ ନେଇ ବିଜେପିର ଜଣେ ବି ବରିଷ୍ଠ ନେତା ନକରାତ୍ମକ ଟିପ୍ପଣୀ ଦେଇନାହାନ୍ତି। କେବଳ ସୋସିଆଲ ମିଡ଼ିଆରେ କିଛି ଟ୍ରୋଲ୍ ତାଙ୍କ ପାଇଟି କରି ଚାଲିଛନ୍ତି। ଏବେବି ବିଜେଡ଼ି  ମୋଦିଙ୍କ ବିରୋଧରେ ପଦୁଟିଏ ଟିପ୍ପଣୀ ଦେଇନାହିଁ। ମଝିରେ ମଝିରେ ସାଂସଦ ସୁଲତା ଦେଓ, ଇସ୍ମିତା ସାହୁ କିମ୍ବା ଚିନ୍ମୟ ସାହୁ ଗର୍ଜନ କରୁଥିଲେବି ତାହାର କିଛି ମାନେ ନାହିଁ। କେବଳ ସୋସିଆଲ ମିଡ଼ିଆରେ ମୋଦିଙ୍କୁ ପ୍ରଶ୍ନ କରୁଥିଲେବି କେବେ ପ୍ରେସମିଟ୍‌ରେ ମୋଦିଙ୍କ ନାଁ ଧରୁନାହାନ୍ତି। ଯେତେ ପାରୁଛ ମୋହନ ସରକାରଙ୍କୁ ଗାଳି କର, ହେଲେ ମୋଦି ସରକାରଙ୍କ ବିଷୟରେ ପଦୁଟିଏ ନକହିବାକୁ ନବୀନ ବାବୁ ତାଗିଦ୍ କରିଛନ୍ତି। ଏନେଇ ପ୍ରଶ୍ନ ପଚାରିଲେ, ଆମେ ଆଞ୍ଚଳିକ ଦଳ ତ, ଦିଲ୍ଲୀ ବିଷୟରେ କହିବୁନି ବୋଲି ଗାଲୁଭୁରୁଡ଼ି ମାରୁଛନ୍ତି।

### ଉତ୍କ୍ଷେପଣରୁ ଲ୍ୟାଣ୍ଡିଂ

ମହାକାଶଯାନ ଉତକ୍ଷେପଣରେ ବିଶେଷ ତ୍ରୁଟି ନଥାଏ। ମାଟିରେ ଥିବାରୁ ରିମୋଟ୍ ଠିକଠାକ କାମ କରେ। କିନ୍ତୁ ଅସଲ ଲକ୍ଷ୍ୟ ସ୍ଥଳରେ ଲ୍ୟାଣ୍ଡିଂ ହେଉଛି ସବୁଠାରୁ ବଡ଼ କଥା। ଅନୁରୂପ ଭାବେ ବିଜେଡ଼ିର ‘ସୁଜାତାୟାନ’ର ସଫଳ ଉତକ୍ଷେପଣ ହୋଇଯାଇଛି ହେଲେ ଠିକ୍ ଭାବେ ଲ୍ୟାଣ୍ଡିଂ ହୋଇଛି କି ନାହିଁ ତାହା ପଞ୍ଚାୟତ ନିର୍ବାଚନ ଫଳରୁ ହିଁ ସ୍ପଷ୍ଟ ହୋଇଯିବ। ଏବେ ବିଜେଡ଼ି ନେତାମାନେ ଛାତିରେ ହାତବାଡ଼େଇ ପଞ୍ଚାୟତ ନିର୍ବାଚନରେ ଜିତିବୁ ବୋଲି ଆସ୍ପର୍ଦ୍ଧା ପ୍ରକାଶ କରୁଛନ୍ତି। ନୂଆପଡ଼ା ଉପନିର୍ବାଚନ ବେଳେ ବି ବିଜେଡ଼ି ନେତାମାନେ ବାହାସ୍ଫୋଟ ମାରୁଥିଲେ। ସମସ୍ତେ ନିଜ ନିଜ ବୁଥରେ ଫାଷ୍ଟ ବୋଲି କହି ବୁଲୁଥିଲେ। କିନ୍ତୁ ଅସଲ ଫଳ ଆସିବା ବେଳକୁ ବିଜେଡ଼ିର ଭୋଟ୍ ବ୍ୟାଙ୍କରେ ‘ଛୁରୀ’ ମାରି ଦେଇଥିଲା ବିଜେପି। ତିନି ନମ୍ବରରେ ରହିବା ପରେ ବିଜେଡ଼ିର ଆଗଧାଡ଼ିର ନେତାଙ୍କ ଗଉଁ ଭାଙ୍ଗି ଯାଇଥିଲା। ଠିକ୍ ସେମିତି ସୁଜାତାଙ୍କୁ ନେଇ ନବୀନ ବାବୁ ଅନେକ ସ୍ୱପ୍ନ ଦେଖିବା ଆରମ୍ଭ କରିଛନ୍ତି। ପାଣ୍ଡିଆନଙ୍କ ପ୍ରୀତି ପାଇଁ ବିଜୁବାବୁଙ୍କ ଅମଳରୁ ସଂଘର୍ଷ କରି ଜନତା ଦଳ ଓ ପରେ ବିଜୁ ଜନତା ଦଳକୁ ମଜବୁତ୍ କରିଥିବା ନେତାଙ୍କ ପିଠିରେ ଅଯୋଗ୍ୟ ଷ୍ଟାମ୍ପ ପିଟି ଦେବାକୁ ବି ପଛେଇ ନାହାନ୍ତି। ଆଗକୁ ସୁଜାତା ସମସ୍ତଙ୍କୁ ଧରି କେମିତି ଆଗକୁ ବାଟ ଚାଲୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

ଗର୍ବିତ ଓଡ଼ିଆ ODIA WEEKLY GARVIT ODIA

## ନିରଞ୍ଜନଙ୍କ ବହି 'ସମୟ ସାକ୍ଷୀ-ଜଣେ ସାଧାରଣ ଓଡ଼ିଆର କଥା'

# ତୃତୀୟ ଥର ମୁଖ୍ୟମନ୍ତ୍ରୀ ହେବାର ନଥିଲା ଜାନକୀ

ପଟ୍ଟନାୟକ ପରିବାରରେ ସମସ୍ତେ ରାଜନୀତି କରନ୍ତି ଆଉ ବହି ବି ଲେଖନ୍ତି। ଜାନକୀ ପଟ୍ଟନାୟକ ବହି ଲେଖୁଥିଲେ। ଜୟନ୍ତୀ ପଟ୍ଟନାୟକ ବି ଲେଖୁଥିଲେ। ତାଙ୍କ ଜ୍ୱାଇଁ ସୌମ୍ୟରଞ୍ଜନ ପଟ୍ଟନାୟକ ବି ଲେଖାଲେଖି କରନ୍ତି। ସୌମ୍ୟଙ୍କ ପତ୍ନୀ ସୁଦତ୍ତା ବି ଲେଖନ୍ତି। ଝିଅ ତନୟା ଆଜିକାଲି ଲେଖାଲେଖି ଆରମ୍ଭ କରି ଦେଇଛନ୍ତି। କିଛି ବର୍ଷ ତଳେ ସୌମ୍ୟଙ୍କ ଭାଇ ଡିଆର ପଟ୍ଟନାୟକ ବହି ଲେଖି ବେଶ୍ ହଟଚମଟ ସୃଷ୍ଟି କରିଥିଲେ। ଏବେ ନିରଞ୍ଜନ ପଟ୍ଟନାୟକଙ୍କ ବହିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଆଜ୍ଞା ଖାଲି କ'ଣ ସେତିକି, ନିରଞ୍ଜନଙ୍କ ପୁଅ ନବଜ୍ୟୋତି ବି ଜାନକୀ ବାବୁଙ୍କ ଉପରେ ଏକ ବହି ସମ୍ପାଦନା କରିଛନ୍ତି।

ଜୁଲାଇ ପହିଲାରେ ନିରଞ୍ଜନଙ୍କ ବହିର ଉନ୍ମୋଚନ ହେବ। ଆମ ଓଡ଼ିଶା ପକ୍ଷରୁ ନିମନ୍ତ୍ରଣ କାର୍ଡ଼ ଛପା ହୋଇ ବଣ୍ଟାଚାଲିଛି। ନିରଞ୍ଜନ କ'ଣ ଲେଖିଥିବେ ତାକୁ ନେଇ ଚର୍ଚ୍ଚା ହେବା ସ୍ୱାଭାବିକ। ପ୍ରାୟ ପାଞ୍ଚ ଦଶନ୍ଧି ଧରି କଂଗ୍ରେସ ରାଜନୀତି ଓ ରାଜ୍ୟ ରାଜନୀତିରେ ନିରଞ୍ଜନଙ୍କର ଢେର ଅଭିଜ୍ଞତା ରହିଛି। ତେବେ ନିରଞ୍ଜନ ଗପ ଲେଖିଛନ୍ତି ନା ସତ, ସେଇ ଚିରାଚରିତ କଥା ଲେଖିଛନ୍ତି ନା କିଛି ଗୁମର କଥା ପ୍ରକାର କରିଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ନିରଞ୍ଜନଙ୍କ ବହି ଦିଲ୍ଲୀରେ ଛପା ହେଉଛି। ତେଣୁ ବହି ସମ୍ପର୍କରେ ଆମର ଜାଣିବାର ଅବକାଶ ହିଁ ନାହିଁ। ତେବେ ପ୍ରତିଷ୍ଠିତ ଖବରକାଗଜ ସମାଜରେ ନିରଞ୍ଜନଙ୍କ ବହି ସମ୍ପର୍କରେ କିଛି ଆଲୋକପାତ କରାଯାଇଛି।

ଓଡ଼ିଶାରେ କଂଗ୍ରେସ ଦୁର୍ଗର ପତନ ତଥା ଦୀର୍ଘ ବର୍ଷ ଧରି ଶାସନ କ୍ଷମତାରୁ ଦୂରେଇ ରହିବା ପଛରେ ଅଞ୍ଜନା ମିଶ୍ର ଗଣଦୁଷ୍କର୍ମ ଗଣବଳାତ୍କାର ଘଟଣା ଓ 'ଯୁବ କଂଗ୍ରେସ\' ନାମରେ ଅସାମାଜିକ ତତ୍ତ୍ୱଙ୍କ ଦ୍ୱାରା ଗୁଣ୍ଡାରାଜକୁ ଦାୟୀ କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ। ତାଙ୍କ ଆତ୍ମଜୀବନୀ 'ସମୟ ସାକ୍ଷୀ-ଜଣେ ସାଧାରଣ ଓଡ଼ିଆର କଥା\' ପୁସ୍ତକରେ ପୂର୍ବତନ ଆଡ଼ଭୋକେଟ୍ ଜେନେରାଲ୍ ଇନ୍ଦ୍ରଜିତ୍ ରାୟ ଓ 'ଯୁବକଂଗ୍ରେସ\' ନେତାଙ୍କ ପ୍ରତି ଅହେତୁକ ମୋହ ତତ୍କାଳନୀ ମୁଖ୍ୟମନ୍ତ୍ରୀ ଜାନକୀ ପଟ୍ଟନାୟକ ଓ କଂଗ୍ରେସ ଦଳକୁ ଅସମୟରେ ବଦନାମ କରିଥିଲା। ଯଦିଓ ଅଞ୍ଜନା ମିଶ୍ର ଘଟଣାରୁ ଫାଇଦା ନେଇ ନବୀନ ବାବୁ ମୁଖ୍ୟମନ୍ତ୍ରୀ ହୋଇଥିଲେ, କିନ୍ତୁ ମୁଖ୍ୟମନ୍ତ୍ରୀ ହେବା ପରେ ଶ୍ରୀମତୀ ମିଶ୍ରଙ୍କୁ ନ୍ୟାୟ ଦେବା ଭୁଲି ଯାଇଥିଲେ ବୋଲି ଶ୍ରୀ ପଟ୍ଟନାୟକ ନିଜ ପୁସ୍ତକରେ ଉଲ୍ଲେଖ କରିଛନ୍ତି।

୧୯୯୭ ଜୁଲାଇରେ ତତ୍କାଳୀନ ଆଡ଼ଭୋକେଟ ଜେନେରାଲ ଇନ୍ଦ୍ରଜିତ ରାୟଙ୍କ ବିରୋଧରେ ଅଞ୍ଜନା ମିଶ୍ର ଅସଦାଚରଣ ଅଭିଯୋଗ ଆଣିଥିଲେ। ଇନ୍ଦ୍ରଜିତ ରାୟ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅତ୍ୟନ୍ତ ପାଖ ଲୋକ ହୋଇଥିବାରୁ ନିଜେ ଜାନକୀ ବାବୁ ଇନ୍ଦ୍ରଜିତଙ୍କୁ ସୁରକ୍ଷା ଦେଇଛନ୍ତି ବୋଲି ଅଞ୍ଜନା ଅଭିଯୋଗ ଆଣିଥିଲେ। ଏହି ସ୍ପର୍ଶକାତର ଘଟଣା ଯୋଗୁଁ ଜାନକୀ ବାବୁ ବଦନାମ ହେଉଥିବା ଜାଣି ଇନ୍ଦ୍ରଜିତଙ୍କୁ ତୁରନ୍ତ ଆଡ୍‌ଭୋକେଟ ଜେନେରାଲ ପଦରୁ ହଟାଇ ଦେବା ପାଇଁ



## ନିରଞ୍ଜନଙ୍କ ପରାମର୍ଶକୁ ଜାନକୀଙ୍କ ନାଁ

## ଲୁଲୁଙ୍କ ଗୁଣ୍ଡାରାଜ୍ କଥା ବି ଲେଖିଛନ୍ତି

ନିରଞ୍ଜନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ପରାମର୍ଶ ଦେଇଥିଲେ। ଦର୍ଶାଇଥିଲେ ଏହାଦ୍ୱାରା ଆପଣଙ୍କ ବ୍ୟକ୍ତିଗତ କ୍ଷତି ହେଉଛି ଏବଂ କଂଗ୍ରେସ ଦଳ ମଧ୍ୟ ବଦନାମ ହେଉଛି। ଛବିରାଣୀ ବଳାତ୍କାର ଘଟଣାକୁ ମନେପକାଇ ଦେଇ କହିଥିଲେଯେ, କଂଗ୍ରେସ ଦଳର କର୍ମୀ ବୋଲାଉ ଥିବା କେତେଜଣ ବ୍ଲକସ୍ତରୀୟ ଲୋକଙ୍କ ପାଇଁ ଆମ କଂଗ୍ରେସ ଦଳ ଏକ ମହିଳା ବିରୋଧୀ ଦଳର ଦୁର୍ନାମ ଗୋଟାଇ ସାରିଛି। ତେଣୁ ଆପଣ ଆଉ ଅଧିକ କାଳବିଳମ୍ବ ନକରି ଆଡ୍‌ଭୋକେଟ୍ ଜେନେରାଲ ପଦରୁ ଇନ୍ଦ୍ରଜିତ ରାୟଙ୍କୁ ଅବ୍ୟାହତି ଦିଅନ୍ତୁ। କିନ୍ତୁ କ\'ଣ ହେଲା କେଜାଣି ଜାନକୀ ବାବୁ ତାଙ୍କ ପରାମର୍ଶକୁ ଗ୍ରହଣ କରିନଥିଲେ। ନିଜେ ନିନ୍ଦିତ ହେଉଛନ୍ତି ଜାଣି ସୁଦ୍ଧା ସେ ଇନ୍ଦ୍ରଜିତଙ୍କୁ ଏହି ପଦରୁ ବାହାର କରିପାରିନଥିଲେ।

୨୬ ଜାନୁଆରୀ ୧୯୯୯ରେ ବାରଙ୍ଗ ନିକଟବର୍ତ୍ତୀ ଏକ ନିଛାଟିଆ ସ୍ଥାନରେ ଗଣଧର୍ଷଣର ଶିକାର ହେବା ପରେ ଅଞ୍ଜନା ମିଶ୍ର ଏହି ଘଟଣା ପଛରେ ଇନ୍ଦ୍ରଜିତ ରାୟ ଏବଂ ମୁଖ୍ୟମନ୍ତ୍ରୀ ଜାନକୀଙ୍କ ପ୍ରଚ୍ଛନ୍ନ ହାତ ରହିଛି ବୋଲି ଅଭିଯୋଗ କରିଥିଲେ। ଏହି ଘଟଣା ଜାନକୀ ବାବୁଙ୍କ ସମସ୍ତ ସଫଳତା ଉପରେ କଳା ଚାଦର ଢାଙ୍କି ଦେଇଥିଲା। ଘଟଣାର ସିବିଆଇ ତଦନ୍ତ ପାଇଁ ସେତେବେଳ ନିରଞ୍ଜନ ମୁଖ୍ୟମନ୍ତ୍ରୀ ଜାନକୀ ପଟ୍ଟନାୟକଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ କିଛି ଲୋକ ଜାନକୀ ବାବୁଙ୍କୁ ଓଲଟା ପରାମର୍ଶ ଦେଇଥିଲେ ଏଥିରେ ସିବିଆଇ ପଶିଲେ ଆପଣଙ୍କୁ ମଧ୍ୟ ଟାଣି ପାରେ। ଶେଷରେ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଅଞ୍ଜନାଙ୍କ ଅଭିଯୋଗର ତଦନ୍ତ ସିବିଆଇ କରିଥିଲା। ଏହା ଭିତରେ ଜାନକୀ ବାବୁଙ୍କ ଅନେକ କ୍ଷତି ହୋଇସାରିଥିଲା। ଏପରିକି ବାଧ୍ୟ ହୋଇ ସେତେବେଳେ କଂଗ୍ରେସ ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଜାନକୀବାବୁଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ କାଢ଼ି ଦେଇ ତାଙ୍କ ସ୍ଥାନରେ ଗିରିଧାରୀ ଗମାଙ୍ଗଙ୍କୁ ମୁଖ୍ୟମନ୍ତ୍ରୀ କରିଥିଲେ। ତେବେ ଗଣଧର୍ଷଣରେ ଧରାପଡିଥିବା ବିବେନ୍ ବିଶ୍ୱାଳ ଏବଂ ଅନ୍ୟ ଦୁଇ ଜଣଙ୍କ ବୟାନରୁ କେବେ ହେଲେ ସାମାନ୍ୟତମ ସୂଚନା ମିଳିନାହିଁ ଯେ, ଏହି ନାରକୀୟ କାଣ୍ଡ ପଛରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ କୌଣସି ଭୂମିକା ଥିଲା।


ନିରଞ୍ଜନ ପୁସ୍ତକରେ ଲେଖିଛନ୍ତି, ତାଙ୍କ ବିଚାରରେ ଜାନକୀବାବୁ ତୃତୀୟ ଥର ମୁଖ୍ୟମନ୍ତ୍ରୀ ହେବା ଉଚିତ୍ ନଥିଲା। ଜାନକୀ ନିଜର ତୃତୀୟ ପାଳିରେ ହାଇକମାଣ୍ଡଙ୍କୁ ଖୁସି କରିବା ପାଇଁ ଅଧିକ ଧ୍ୟାନ ଦେଇଥିଲେ। ଯାହା ଫଳରେ ରାଜ୍ୟ କଂଗ୍ରେସରେ ଅନ୍ତର୍ଦ୍ୱନ୍ଦ୍ୱ ଓ ଗୋଷ୍ଠୀକନ୍ଦଳ ଧିରେ ଧିରେ ବଢ଼ିବାରେ ଲାଗିଥିଲା। ଯୁବ ନେତୃତ୍ୱକୁ ପ୍ରାଧାନ୍ୟ ଦେବାକୁ ଯାଇ ଏଭଳି କିଛି ନେତାଙ୍କୁ ପ୍ରୋତ୍ସାହନ ଦେଲେ, ଯେଉଁମାନଙ୍କ ଚେହେରାକୁ ଜନସାଧାରଣ ଗ୍ରହଣ କଲେ ନାହିଁ। କଂଗ୍ରେସ ଭବନ ଭଳି ଏକ ପବିତ୍ର ସ୍ଥାନରେ ଦୁଇ ଗୋଷ୍ଠୀ ଗୁଣ୍ଡାଙ୍କ ଭିତରେ ଗଣ୍ଡଗୋଳ ହେଲା। ଏହାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡ଼ିଥିଲା। ଜାନକୀ ବାବୁ ସେତେବେଳେ ମନ୍ତ୍ରୀ ଏବଂ ବିଧାୟକମାନଙ୍କୁ ନିୟନ୍ତ୍ରଣ କରିପାରିଲେ ନାହିଁ। ଯାହାକୁ କଟକଣା କଲେ ସେମାନେ ଅସନ୍ତୁଷ୍ଟ ହୋଇ ଦିଲ୍ଲୀରେ ପହଞ୍ଚିଥିଲେ। ବାଧ୍ୟ ହୋଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଦଳୀୟ ନେତାଙ୍କୁ ଅଖଣ୍ଡ ସ୍ୱାଧୀନତା ଦେଇଥିଲେ। ସେହି ସ୍ୱାଧୀନତାକୁ କେତେକ ନେତା ଅପବ୍ୟବହାର କରି ପ୍ରଶାସନରେ ନାନା ପ୍ରକାର ବିସଙ୍ଗତି ସୃଷ୍ଟି କରିଥିଲେ। ଯାହା ଫଳରେ ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ କ୍ଷମତା କେନ୍ଦ୍ର ଗଢ଼ି ଉଠିବା ସହ ସାଧାରଣ ଲୋକ କଂଗ୍ରେସ ଶାସନକୁ ଭଲ ଦୃଷ୍ଟିରେ ଦେଖିନଥିଲେ। କଂଗ୍ରେସ ଓ ବିଜେଡି ଶାସନକୁ ତୁଳନା କରି ସେ ଦର୍ଶାଇଛନ୍ତି, ଜାନକୀବାବୁ ଦଳୀୟ ନେତାମାନଙ୍କୁ ଲଗାମହୀନ ଭାବେ ପ୍ରଶାସନରେ ଅନୁପ୍ରବେଶ କରିବାକୁ ନିରବ ସମର୍ଥନ କରିବା ଯେପରି ଭୁଲ ଥିଲା, ନବୀନ ବାବୁ ସବୁ କ୍ଷମତାକୁ ନିଜ ପାଖରେ ଏବଂ ନିଜର କୋଟରୀ ଗୋଷ୍ଠୀ ପାଖରେ ଠୁଳ କରିବା ମଧ୍ୟ ଠିକ୍ ନଥିଲା।

ଯୁବ କଂଗ୍ରେସ ନାଁରେ ଅନେକ ଅସାମାଜିକ ତତ୍ତ୍ୱ କଂଗ୍ରେସକୁ ଗୁଣ୍ଡାରାଜର ଦୁର୍ନାମ ଦେଇଥିଲେ। ଆଦିବାସୀ, ହରିଜନଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା କରି ମଧ୍ୟ କଂଗ୍ରେସ ପ୍ରଚାର କରିପାରିନଥିଲା। ଅଞ୍ଜନା ମିଶ୍ର ଗଣବଳାତ୍କାର ମାମଲାରେ ଜାନକୀବାବୁଙ୍କ ସମ୍ପୃକ୍ତି ଅଭିଯୋଗ କଂଗ୍ରେସ ଦଳକୁ ଏକ ପ୍ରକାର ଲୋକ ବିରୋଧୀ କରିଦେଇଥିଲା। ନେଡିଗୁଡ଼ କହୁଣୀକୁ ବୋହିଯିବା ପରେ ବାଧ୍ୟ ହୋଇ କଂଗ୍ରେସ ଅଧ୍ୟକ୍ଷା ମୁଖ୍ୟମନ୍ତ୍ରୀ ପଦ ତ୍ୟାଗ କରିବାକୁ ଜାନକୀବାବୁଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ସେତେବେଳକୁ କଂଗ୍ରେସର ବହୁ କ୍ଷତି ହୋଇସାରିଥିଲା।

ଗର୍ବିତ ଓଡ଼ିଆ
ODIA WEEKLY • GARVIT ODIA



# ସୁଜାତାଙ୍କୁ କାହିଁକି ବାଛିଲେ ନବୀନ ?



## ଦକ୍ଷତା

ସୁଜାତା ରାଜନୀତିରେ ନୂଆ ହୋଇପାରନ୍ତି। ହେଲେ ପ୍ରଖର ରାଜନୀତିକ ଜ୍ଞାନର ଅଧିକାରୀ। ୨୦୦୦ ମସିହାରେ ସେ ଓଡ଼ିଶାରେ ଆଇଏଏସ ଚାକିରୀ ଆରମ୍ଭ କଲେ। ଜଣେ ଆଇଏଏସ ଅଫିସର ରାଜନୀତି ଅଙ୍କରେ ବେଶ୍ ଧୂରନ୍ଧର ହୋଇଥା'ନ୍ତି। କେବଳ ନିର୍ବାଚନ ଲଢ଼ିଲେଯେ, ଜଣେ ରାଜନୀତିରେ ପରିପକ୍ୱ ସେ ଅବଧାରଣାଟି ଭୁଲ୍। ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ନିର୍ବାଚନ ହିଁ ଲଢ଼ିନଥିଲେ। କିନ୍ତୁ ରାଜନୀତିରେ ପରିପକ୍ୱ ଥିବାରୁ ସେ ଆଜି ସାରା ଦେଶର ଲୋକପ୍ରିୟ ନେତା ଭାବେ ବିବେଚିତ ହେଉଛନ୍ତି। ସୁଜାତା ପରୋକ୍ଷରେ ବିଜେଡ଼ି ରାଜନୀତି ସହ ଜଡ଼ିତ ରହିଛନ୍ତି। ଦକ୍ଷ ଆଇଏଏସ ଅଫିସର ଭାବେ ତାଙ୍କର ସୁନାମ ରହିଛି। ମିଶନ ଶକ୍ତି ଜରିଆରେ ବହୁ ପୂର୍ବରୁ ନବୀନ-ପାଣ୍ଡିଆନ୍ ତାଙ୍କର ପଲଟିକାଲ ଲଟିଂ ଆରମ୍ଭ କରିଦେଇଥିଲେ। ମହିଳା ଭୋଟ୍ ବ୍ୟାଙ୍କ ବାନ୍ଧି ରଖିବା ପାଇଁ ଓ ଭବିଷ୍ୟତରେ ସୁଜାତାଙ୍କୁ ଆଗକୁ ଆଣିବାକୁ ଦୀର୍ଘବର୍ଷ ଧରି ତାଙ୍କୁ ମିଶନ ଶକ୍ତିର ମୁଖ୍ୟ ଭାବେ ରଖାଯାଇଥିଲା।

## ଓଡ଼ିଆ ଅସ୍ମିତା

ଭିକେ ପାଣ୍ଡିଆନ୍ ଅଣଓଡ଼ିଆ ହୋଇଥିବାରୁ ବିଜେପି ୨୦୨୪ ନିର୍ବାଚନରେ ଓଡ଼ିଆ ଅସ୍ମିତାର କଥା ଉଠାଇଥିଲା। ଏହି ନ୍ୟାରେଟିଭ୍ ବି ବିଜେଡ଼ିକୁ କ୍ଷତିଗ୍ରସ୍ତ କରିଥିଲା। କିନ୍ତୁ ସୁଜାତାଙ୍କୁ ନେଇ ଓଡ଼ିଆ ଅସ୍ମିତା ନ୍ୟାରେଟିଭ୍ କରାଯାଇପାରିବ ନାହିଁ। ଏମିତିକି ବିଜୁ ଲିଗାସୀ ବି ଏହାକୁ ନେଇ ତୁମ୍ବିତୋଫାନ କରିପାରିବ ନାହିଁ। କାହିଁକିନା ଦିନ ଥିଲା, ଗୀତା ପଟ୍ଟନାୟକଙ୍କୁ ବିଜେଡ଼ିର ମଙ୍ଗ ଧରାଇବାକୁ ସେତେବେଳର ଟାଣୁଆ ଜନତା ଦଳର ନେତା ନିବେଦନ କରିଥିଲେ। ଗୀତା କିନ୍ତୁ ଅଣଓଡ଼ିଆଙ୍କୁ ବିବାହ କରିଥିଲେ। ତେଣୁ ଜଣେ ଓଡ଼ିଆ ଝିଅ ଅଣଓଡ଼ିଆଙ୍କୁ ବିବାହ କଲେ ବୋଲି ତାଙ୍କୁ ଆମେ ଓଡ଼ିଆ କହି ପାରିବାନି କି? ହୁଏତ ନିନ୍ଦୁକମାନେ ଏମିତି ନ୍ୟାରେଟିଭ୍ କରିପାରନ୍ତି। କିନ୍ତୁ ତାହାର ସେମିତି କିଛି ଫଳ ପଡ଼ିବା ଭଳି ମନେହେଉନି।

## ବାଗ୍ମୀ

ପାଣ୍ଡିଆନଙ୍କ ଭଳି ସୁଜାତା ବି ଭଲ ଭାଷଣ ଦେଇପାରନ୍ତି। ହେଲେ ପାଣ୍ଡିଆନଙ୍କ ପାଟି ଲାଗୁଥିଲା, କିନ୍ତୁ ସୁଜାତା ପ୍ରାଞ୍ଜଳ ଭାବେ ଓଡ଼ିଆ କହିପାରନ୍ତି। ଲୋକଙ୍କୁ ଆକର୍ଷିତ କରିବା ଭଳି ତାଙ୍କର ବାକପଟୁତା ରହିଛି। ତେଣୁ କାଲିକି କାଲି ସେ ବିଜେଡ଼ିର ପ୍ରଚାର ମଙ୍ଗ ଠିକରେ ଧରିପାରିବେ ବୋଲି ନବୀନ ଭାବିଛନ୍ତି।

## ମହିଳା

ଆଜିକାଲି ମହିଳା ଭୋଟରମାନେ ହିଁ ଗୋଟିଏ ଦଳକୁ କ୍ଷମତା ଦେଇପାରନ୍ତି ନଚେତ୍ କ୍ଷମତାରୁ ତଡ଼ିପାରନ୍ତି। ଜଣେ ନେତାଙ୍କୁ ଜିତାଇପାରନ୍ତି, ନଚେତ୍ ହରାଇପାରନ୍ତି। ଖାସ୍ ସେଇଥିପାଇଁ କେନ୍ଦ୍ରରୁ ରାଜ୍ୟ ଯାଏଁ ସବୁଠି ମହିଳାଙ୍କ ପାଇଁ ଯୋଜନା ଖଞ୍ଜି ଦିଆଯାଇଛି। 'ସୁଜାତା' ମହିଳା ହୋଇଥିବାରୁ ମହିଳାଙ୍କ ପାଇଁ ଗ୍ରହଣୀୟ ହେବାର ସମ୍ଭାବନା ରହିଛି। ଏମିତିବି ଆଗାମୀ ଦିନରେ ବିଧାନସଭା ଓ ଲୋକସଭା ଆସନରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା ଲାଗୁହେବାର ସମ୍ଭାବନା ରହିଛି।

## ଜେନ୍ ଜିଙ୍କ ଚୟସ

ଆଜିକାଲି ଜେନ୍-ଜି ନିର୍ବାଚନରେ ଏକ ଫ୍ୟାକ୍ଟର ହେବାକୁ ଯାଉଛନ୍ତି। ସାଧାରଣତଃ ଜେନ୍-ଜି ପରିପକ୍ୱ, ବୁଦ୍ଧିମାନ ଲୋକଙ୍କୁ ପସନ୍ଦ କରନ୍ତି। ସୁଜାତା ଜଣେ ଆଇଏଏସ ଅଫିସର ହୋଇଥିବାରୁ ସ୍ୱାଭାବିକ ଭାବେ ଜେନ୍-ଜୀଙ୍କୁ ବି ଆକର୍ଷିତ କରିପାରିବେ। ଅବଶ୍ୟ ବିଜେଡ଼ିର ଅନ୍ୟ କିଛି ନେତାଙ୍କର ସେ କ୍ୱାଲିଟି ବି ରହିଛି।

## ଦଳରେ ଗ୍ରହଣୀୟତା

ଆମ ଦୃଷ୍ଟିରେ ବିଜେଡ଼ିର ନେତୃତ୍ୱ ନେବା ଭଳି ଆଜିକା ଦିନରେ ତିନି ଜଣ ନେତା ରହିଛନ୍ତି। ପ୍ରଣବ ପ୍ରକାଶ ଦାସ, ଅରୁଣ ସାହୁ ଓ ସଂତୃପ୍ତ ମିଶ୍ର। ବବି ଦାସଙ୍କ ସାଂଗଠନିକ ଶକ୍ତି ରହିଛି। ଏକଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ସେ ଖୁବ୍ ପରିଶ୍ରମୀ ମଧ୍ୟ। ଆଜିକା ଦିନରେ ସାରା ଓଡ଼ିଶାର ସବୁ ବ୍ଲକରେ ତାଙ୍କର ଚେଲାଚାମୁଣ୍ଡା ଅଛନ୍ତି। ହେଲେ ପ୍ରଣବଙ୍କ ପାଖରେ ବାକପଟୁ ଦକ୍ଷତା ଟିକେ କମ୍ ରହିଛି। ସେପଟେ ବବି ଦାସଙ୍କ ଠାରୁ ବି ଅରୁଣ ବେଶ୍ ଅଭିଜ୍ଞ। କାହିଁକିନା ବବିଙ୍କ ବହୁ ପୂର୍ବରୁ ସେ ରାଜନୀତିକୁ ଆସିଛନ୍ତି। ସଂଘର୍ଷରୁ ସେ ନେତୃତ୍ୱ ନେବା ଶିଖିଛନ୍ତି। ବିଜୁ ଛାତ୍ର ଜନତା ସଭାପତି କାଳରେ ସେ ଅନେକ ନେତା ବି ସୃଷ୍ଟି କରିଛନ୍ତି। ଭାଷଣ ଦେବାରେ ବି ମାଷ୍ଟର। ଲୋକଙ୍କୁ ବାନ୍ଧି ରଖିବାର କ୍ଷମତା ରଖିଛନ୍ତି। କିନ୍ତୁ ସମସାମୟିକ ନେତା, ଯେମିତିକି ସଂଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନାଙ୍କ ଭଳି ନେତା କେବେ ଚାହିଁବେନି ଅରୁଣ ପାୱାରଫୁଲ ହୁଅନ୍ତୁ ବୋଲି। ନବୀନ ଏହାବି ଅନୁଶୀଳନ କରିଛନ୍ତି। ସେହିପରି କର୍ପୋରେଟ୍ ଜଗତରୁ ଆସିଥିବା ସଂତୃପ୍ତ ମିଶ୍ରଙ୍କର ବି ନେତୃତ୍ୱ ନେବାର ଦକ୍ଷତା ରହିଛି। ସେ ବେଶ୍ ବାକପଟୁ। କଥା କହି ହାତୀକୁ ଶୁଆଇଦେବାର ବି ଦକ୍ଷତା ରଖିଛନ୍ତି। ସେହିପରି ସଂଗଠନ ପାଇଁ ଆବଶ୍ୟକୀୟ ଠନଠନ ବି ତାଙ୍କ ପାଖରେ ରହିଛି। କର୍ପୋରେଟ୍ ଜଗତ ସହ ସେ ଜଡ଼ିତ ଥିବାରୁ ପାଣ୍ଠି ବି ଯୋଗାଡ଼ କରିପାରିବେ। କିନ୍ତୁ ନୂଆ କରି ଆସିଥିବାରୁ ହଠାତ୍ ଗ୍ରହଣୀୟ ହୋଇପାରିବେନି।

କିନ୍ତୁ ପାଣ୍ଡିଆନ୍ ଗତ ୧୨ ବର୍ଷ ଧରି ଦଳ କଥା ବୁଝୁଥିବାରୁ ଅଧା ବିଧାୟକ ତାଙ୍କ ପାଇଁ ହିଁ ବିଧାନସଭାକୁ ଆସିଛନ୍ତି। ପୂର୍ବରୁ ବଡ଼ବଡ଼ ନେତାମାନେ ପାଣ୍ଡିଆନଙ୍କୁ ଗ୍ରହଣ କରିଥିବାରୁ ସୁଜାତାଙ୍କୁ ଗ୍ରହଣ କରିବାରେ ଅସୁବିଧା ନାହିଁ। ପାଣ୍ଡିଆନଙ୍କ ପାଖରେ ହିଁ ବିଜେଡ଼ିର ଅସଲ ପାଣ୍ଠି ରହିଛି। ନବୀନ ବାବୁଙ୍କର ସେ ଛାଇ ବୋଲି ସମସ୍ତେ ଜାଣନ୍ତି। ତେଣୁ କେଉଁ ନେତା ଡରରେ ତ କେଉଁ ନେତା ପଦବୀ ଲୋଭରେ ସୁଜାତାଙ୍କୁ ସମର୍ଥନ କରିବାକୁ ବାଧହେବ ବୋଲି ନବୀନ ଅଙ୍କକଷି ସୁଜାତାଙ୍କୁ ଆଗକୁ ଆଣିଛନ୍ତି। ଅବଶ୍ୟ ପାଣ୍ଡିଆନ୍-ସୁଜାତାଙ୍କ ପ୍ରତି ନବୀନଙ୍କ ଦୁର୍ବଳତା ରହିଛି କହିଲେ ଭୁଲ୍ ହେବନାହିଁ। ଏଭଳି ସ୍ଥିତିରେ ସୁଜାତା ଯଦି ବବି ଦାସ, ଅରୁଣ ସାହୁ ଓ ସଂତୃପ୍ତ ମିଶ୍ରଙ୍କୁ ଧରି ଆଗକୁ ଯିବେ, ତେବେ ବିଜେଡ଼ି ନିଶ୍ଚିତ ସଫଳତା ପାଇପାରିବ।

**ରିପୋର୍ଟ: ଚିତ୍ତରଞ୍ଜନ ମହାନ୍ତି, କଟକ**



ଭଗବାନ ଶ୍ରୀକୃଷ୍ଣ କହିଥିଲେ, 'କର୍ମଣେ ବାଧିକାରସ୍ତେ ମା ଫଳେଷୁ କଦାଚନ- ଆଜି ବି ମୁଁ ସେଇ ଶ୍ଳୋକକୁ ମନେରଖିଛି। ପ୍ରତ୍ୟେକ କାମକୁ ନିଷ୍ଠା ଓ ସମର୍ପଣ ଭାବରେ କରିଆସିଛି। ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ, ବିଜେଡିର ସଦସ୍ୟମାନଙ୍କର ଆଶୀର୍ବାଦରୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆଗକୁ ବି ଅନୁରୂପ ନିଷ୍ଠା ଓ ସମର୍ପଣରେ ଦଳ ପାଇଁ କାମ କରିବି। ଦୀର୍ଘ ୨୪ବର୍ଷ ଧରି ମୋତେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ମାଟି ଓ ଜନସଧାରଣଙ୍କର ସେବା କରିବା ପାଇଁ ସୁଯୋଗ ମିଳିଥିଲା। ଆଜି ଓଡ଼ିଶାର ସେବା କରିବାପାଇଁ ନବୀନ ପଟ୍ଟନାୟକ ପୁଣିଥରେ ତାଙ୍କୁ ସୁଯୋଗ ଦେଇଛନ୍ତି ଓ ସେଥିପାଇଁ ସେ କୃତଜ୍ଞ ବୋଲି କହିଛନ୍ତି ସୁଜାତା ରାଉତ।

ସୁଜାତା କହିଛନ୍ତି ଯେ, ନବୀନ ପଟ୍ଟନାୟକ ହେଉଛନ୍ତି ମୋ ପ୍ରେରଣା। ୨୦୦୧ରେ ପ୍ରୋବେସନ ଅଫିସର ଭାବେ କାର୍ଯ୍ୟ କରୁଥିବା ସମୟରେ ଓଡ଼ିଶାରେ ବନ୍ୟା ହୋଇଥିଲା। ଆମକୁ ଆଠମଲ୍ଲିକ ଯାଇ ରିପୋର୍ଟ କରିବାକୁ କୁହାଯାଇଥିଲା। ଆମେ ରିପୋର୍ଟ ଟିକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଉପସ୍ଥାପନ କରିଥିଲୁ। ସେହି ସମୟରେ ସାରଙ୍କ ସହିତ ମୋର ପ୍ରଥମ ସାକ୍ଷାତ ହୋଇଥିଲା। ସେତେବେଳେ ସେ ବହୁତ ଗମ୍ଭୀରତାର ସହ ରିପୋର୍ଟକୁ ଅନୁଧ୍ୟାନ କରିଥିଲେ ଓ ଏ ସଂକ୍ରାନ୍ତରେ ଅନେକ ପ୍ରଶ୍ନ ପଚାରିଥିଲେ। ପରବର୍ତ୍ତୀ ସମୟରେ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡେଲ ଜାତିସଂଘର ଦୃଷ୍ଟି ଆକର୍ଷଣ କଲା। ବିପର୍ଯ୍ୟୟ ପରିଚାଳନାରେ ସାରା ବିଶ୍ୱରେ ଓଡ଼ିଶା ମଡେଲ ବିଶ୍ୱରେ ଗ୍ରହଣୀୟ ହେଲା, ଏଥିପାଇଁ ଜାତିସଂଘ ଓଡ଼ିଶାକୁ ସମ୍ମାନିତ କରିଥିଲା। ବିପର୍ଯ୍ୟୟ ସମୟରେ କିଭଳି ଲକ୍ଷଲକ୍ଷ ଲୋକଙ୍କର ଜୀବନ ରକ୍ଷା କରାଯାଇପାରିବ ତାହା ଓଡ଼ିଶା ଠାରୁ ଶିଖିବା ଉଚିତ ବୋଲି ନ୍ୟୁୟର୍କ ଟାଇମ୍ସରେ ଖବର ପ୍ରକାଶିତ ହୋଇଥିଲା। ସେ ପୁଣି କହିଛନ୍ତି ଯେ, ୨୦୦୫-୦୬ରେ ମୁଁ ସୁନ୍ଦରଗଡ଼ ଜିଲ୍ଲାପାଳ ଥିବା ସମୟରେ ପିଲାମାନଙ୍କର ପୁଷ୍ଟିସାଧନ ନିମନ୍ତେ ମଧ୍ୟାହ୍ନ ଭୋଜନରେ ଅଣ୍ଡା ପ୍ରଦାନ କରିବାକୁ ଆମେ ଯେତେବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରସ୍ତାବ ଦେଇଥିଲୁ। ସାର ସେତେବେଳେ ତୁରନ୍ତ ମଞ୍ଜୁରୀ ଦେଇଦେଇଥିଲେ ଆଉ ସୁନ୍ଦରଗଡ଼ ଜିଲ୍ଲାର ବିଶ୍ରା ବ୍ଲକର ଗୋଟିଏ ସ୍କୁଲ୍‌ରେ ତାହାର ଉଦ୍‌ଘାଟନ କରିଥିଲେ। ସାର ସେତେବେଳେ ଆମକୁ କହିଥିଲେ କି ପିଲାମାନେ ହେଲେ ଓଡ଼ିଶାର ଭବିଷ୍ୟତ, ସବୁବେଳେ ତାଙ୍କୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଛୋଟ ଛୋଟ ସ୍କୁଲ ପିଲାମାନଙ୍କ ପାଇଁ ତାଙ୍କର ଆଦର ଓ ସ୍ନେହ ମୁଁ ଦେଖିଥିଲି। ସାର ସେମିତି ମମତା ଯୋଜନା ଆରମ୍ଭ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗରେ କାର୍ଯ୍ୟ କରିବା ସମୟରେ ଦିନେ ସାର ଆମକୁ ଡାକିଲେ। ବାହାରେ କାର୍ଯ୍ୟକରୁଥିବା ମହିଳାମାନଙ୍କର ମାତୃତ୍ୱ ଅବକାଶ କଥା ଉଲ୍ଲେଖ କରି ଗାଁରେ ରହିଥିବା ମହିଳାମାନଙ୍କ ପାଇଁ ଅନୁରୂପ ଯୋଜନା ଅଛି କି ନାହିଁ ବୋଲି ପ୍ରଶ୍ନ କରିଥିଲେ। ସଙ୍ଗେସଙ୍ଗେ ଆମେ ଏକ ଡ୍ରାଫ୍ଟ ପ୍ରସ୍ତୁତ କରି ତାଙ୍କ ନିକଟରେ ଉପସ୍ଥାପନ କଲୁ। ମାତୃତ୍ୱ ସୁରକ୍ଷା ପାଇଁ କିଛି ଏଲିଜିବିଲିଟି ଦରକାର ନାହିଁ। ଦୁଇଟି ଛୁଆର କଟକଣା ଦରକାର ନାହିଁ ବୋଲି ଉଲ୍ଲେଖ କରି ତାହାକୁ ସାର ଅନୁମୋଦନ କରିଥିଲେ। ଏଇଠୁ ହିଁ ଆରମ୍ଭ ହୋଇଥିଲା ମମତା ଯୋଜନା। ଜାତୀୟ ସ୍ତରରେ ମାତୃତ୍ୱ ସୁରକ୍ଷା ଯୋଜନା ପ୍ରଣୟନ ସମୟରେ ଦିଲ୍ଲୀର ଅଧିକାରୀମାନେ ଓଡ଼ିଶା ଆସି ଏହାକୁ ଅନୁଧ୍ୟାନ କରିଥିଲେ ବୋଲି ସୁଜାତା କହିଛନ୍ତି।

ସେ କହିଛନ୍ତି ଯେ, ଓଡ଼ିଶାରେ ଶିଶୁ ମୃତ୍ୟୁ ହାର ଓ ମାତୃ ମୃତ୍ୟୁହାର କମ ହେବା ପଛରେ ରହିଛି ନବୀନ ପଟ୍ଟନାୟକଙ୍କ ଅଭିନବ ଓ ସମ୍ବେଦନଶୀଳ ଯୋଜନା। ସାର ନିଜ ବ୍ୟକ୍ତିତ୍ୱ ମାଧ୍ୟମରେ ଆମକୁ ବାରମ୍ବାର ଅନୁପ୍ରେରିତ କରିଛନ୍ତି। ମିଶନ ଶକ୍ତି ପରି ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ପଛରେ ରହିଛି ନବୀନ ପଟ୍ଟନାୟକଙ୍କ ପ୍ରେରଣା। ଦଳର ଲକ୍ଷଲକ୍ଷ କର୍ମୀଙ୍କ ପାଇଁ କାମ, ତ୍ୟାଗ, ବଳିଦାନ, ଦଳର ନେତୃବୃନ୍ଦଙ୍କ କଠିନ ପରିଶ୍ରମ ଓ ଦଳର ନେତା ନବୀନ ପଟ୍ଟନାୟକଙ୍କ ପାଇଁ ବିଜେଡି ଆଜି କୋଟି କୋଟି ଓଡ଼ିଶାବାସୀଙ୍କ ହୃଦୟରେ ସ୍ଥାନ ପାଇଛି। ମୁଁ ଆଜି ଏଇ ବିଶାଳ ପରିବାରରେ ମିଶିଲି ଏବଂ ସବୁବେଳେ ସମସ୍ତଙ୍କ ସାଙ୍ଗରେ ମିଶିକି କାମ କରିବା ପାଇଁ ଚେଷ୍ଟା କରିବି। ଗୋଟିଏ ସାଧାରଣ ମଧ୍ୟମ ବର୍ଗ ପରିବାରର, ଗୋଟେ ସାଧାରଣ ଝିଅଟି ଆଇଏଏସ୍ ହେବାର ସ୍ୱପ୍ନ ଦେଖିଥିଲା। ଶ୍ରୀଜଗନ୍ନାଥଙ୍କ କୃପାରୁ ଏଇ ସ୍ୱପ୍ନ ବି ସାକାର ହେଲା। ମତେ ସୁଯୋଗ ମିଳିଲା ମୋ ନିଜ ମାତୃଭୂମିରେ କାମ କରିବା ପାଇଁ। ଶ୍ରୀଜଗନ୍ନାଥ ମୋତେ ନବୀନ ପଟ୍ଟନାୟକଙ୍କ ଅଧିନରେ କାମ କରିବାକୁ ସୁଯୋଗ ଦେଇଥିଲେ ବୋଲି ଶ୍ରୀମତୀ ରାଉତ କହିଛନ୍ତି।

**ନିଷ୍ଠା ଓ ସମର୍ପଣରେ କାମ କରିବି**

ଗର୍ବିତ ଓଡ଼ିଆ ODIA WEEKLY • GARVIT ODIA

ଗର୍ବିତ ଓଡ଼ିଆ

# ଏମାନେ ଅଣ୍ଡିରି ପୁଅ ଉଦ୍ଧବ !



**ପର୍ଶୁରାମ ଦାସ**
ସମ୍ପାଦକ, ପୂର୍ବପକ୍ଷ

ଅରୁଣ ସାହୁ ଦୁଇ ଦୁଇଟି ସଭାରେ ଖୋଲାଖୋଲି ଭାବେ କହିଛନ୍ତିକି- "ବିଜେପି ନେତାମାନେ ହେଉଛନ୍ତି ମାଇଚିଆ, କେହି ବିଜେପିରେ ଅଣ୍ଡିରି ପୁଅ ଉଦ୍ଧବ ନାହାନ୍ତି ।'

ଅରୁଣ ସାହୁଙ୍କର ଏହି ବ୍ୟଙ୍ଗାତ୍ମକ ଏବଂ ଅପମାନଜନକ ବକ୍ତବ୍ୟର ଅର୍ଥ ଓଡ଼ିଶାର ଜନସାଧାରଣ କ'ଣ ବୋଲି ଭାବିବେ? ତାଙ୍କ କହିବା କଥା ଯଦି ବିଜେପିରେ କେହି 'ଅଣ୍ଡିରି ପୁଅ ଉଦ୍ଧବ' ନାହାନ୍ତି । ତେବେ ତା'ର ଓଲଟା ଅର୍ଥ ଏଇଆତ ଯେ, କେବଳ ବିଜେଡ଼ି ଭିତରେ ହିଁ ସବୁଯାକ ବୀର ପୁରୁଷ ଏବଂ 'ଅଣ୍ଡିରି ପୁଅ ଉଦ୍ଧବ' ଭରି ରହିଛନ୍ତି? ଅରୁଣ ସାହୁ ନିଜ ଦଳର ନେତାମାନଙ୍କୁ ବହୁତ ବଡ଼ ଶକ୍ତିଶାଳୀ ବୋଲି ଦେଖାଇବାକୁ ଚେଷ୍ଟା କରୁଛନ୍ତି ।

କିନ୍ତୁ ସତ କଣ ସତରେ ସେୟା? ଆଜି ଆମେ ଏହି ମଞ୍ଚରୁ ଆପଣଙ୍କୁ ସେହି ପ୍ରଶ୍ନ ପଚାରିବୁ, ଯାହାର ଉତ୍ତର ହୁଏତ ଅରୁଣ ସାହୁଙ୍କ ପାଖରେ ନାହିଁ । ଯଦି ବିଜେଡିରେ ଏତେ ସାରା ଯୋଗ୍ୟ ଏବଂ ବୀର ନେତା ଅଛନ୍ତି, ତେବେ ତାଙ୍କ ଦଳର ସଭାପତି ନବୀନ ପଟ୍ଟନାୟକ କାହିଁକି ବିଜେଡିର ଓଡ଼ିଆ ନେତାମାନଙ୍କୁ ଯୋଗ୍ୟ ବୋଲି ଭାବିଲେ ନାହିଁ? କାହିଁକି ସାରା ଓଡ଼ିଶାର ସ୍ୱାଭିମାନକୁ ଗୋଟିଏ କୋଣରେ ମାଡ଼ି ବସି, ଜଣେ ବାହାର ରାଜ୍ୟର ଅଫିସରଙ୍କ ପରିବାର ହାତରେ ଦଳର ରିମୋଟ୍ କଣ୍ଟ୍ରୋଲ ଟେକି ଦେବାକୁ ବସିଛନ୍ତି?

## ନବୀନଙ୍କ ନଜରରେ ଓଡ଼ିଆ ନେତା 'ଅଯୋଗ୍ୟ'?

ବାସ୍ତବତା ଏଇଆଯେ, ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ସମସ୍ତ ଓଡ଼ିଆ ନେତାମାନଙ୍କୁ କେବେ ବି ପ୍ରକୃତ ନେତୃତ୍ୱ ଦେବା ପାଇଁ ଯୋଗ୍ୟ ବୋଲି ଭାବିନାହାନ୍ତି । ଅରୁଣ ସାହୁ ଯେଉଁମାନଙ୍କୁ 'ଅଣ୍ଡିରି ପୁଅ\' ବୋଲି କହୁଛନ୍ତି । ନବୀନ ପଟ୍ଟନାୟକଙ୍କ ନଜରରେ ସେମାନେ ହେଉଛନ୍ତି ସମ୍ପୂର୍ଣ୍ଣ ନିଷ୍କ୍ରିୟ ଏବଂ ଶକ୍ତିହୀନ । ଦଳର ଶୀର୍ଷ ନେତୃତ୍ୱ ନେବା ପାଇଁ କିମ୍ବା ଭବିଷ୍ୟତରେ ବିଜେଡିର ମୁଖିଆ ହେବା ପାଇଁ ଦଳର କୌଣସି ଓଡ଼ିଆ ନେତାଙ୍କ ଭିତରେ ସେ ଯୋଗ୍ୟତା ଦେଖିବାକୁ ପାଇନାହାନ୍ତି ନବୀନ ପଟ୍ଟନାୟକ ।

ତେଣୁ ସେ କଣ କଲେ? ସେ ତାଙ୍କର ସବୁଠୁ ପ୍ରିୟ, ସବୁଠୁ ବିଶ୍ୱସ୍ତ 'ତାମିଲ ପୁଅ\' ଭୈରବ କାର୍ତ୍ତିକେୟନ ପାଣ୍ଡିଆନଙ୍କ ପରିବାର ସଦସ୍ୟ ତଥା ପତ୍ନୀ ସୁଜାତା ରାଉତ କାର୍ତ୍ତିକେୟନଙ୍କୁ ଆଣି ଦଳର ଆଗ ଧାଡ଼ିରେ ଛିଡ଼ା କରିଦେଲେ । ଏପରିକି ଆଗାମୀ ଦିନରେ ସୁଜାତା ହିଁ ଦଳର ସବୁକିଛି ହେବେ । ସେ ହିଁ ଦଳର ପରବର୍ତ୍ତୀ ମୁଖିଆ ବୋଲି ନବୀନ ବାବୁ ସମସ୍ତ ବରିଷ୍ଠ ବିଜେଡି ନେତାମାନଙ୍କୁ ଏକ ପରୋକ୍ଷ ସଂକେତ ମଧ୍ୟ ଦେଇ ସାରିଛନ୍ତି ।

ଏବେ ସାରା ଓଡ଼ିଶା ଅରୁଣ ସାହୁଙ୍କୁ ପ୍ରଶ୍ନ କରିବ- ଯଦି ବିଜେଡିରେ ପ୍ରକୃତରେ ଯୋଗ୍ୟ ନେତାମାନେ ଥିଲେ, ତେବେ ସେମାନେ କାହିଁକି ନବୀନଙ୍କ ନଜରରେ ଦଳର ଚେହେରା ହୋଇପାରିଲେ ନାହିଁ? ସେ ନିଜେ ଦଳର ଏତେ ବଡ଼ ନେତା ହୋଇ ମଧ୍ୟ, ଜଣେ ପୂର୍ବତନ ଆଇଏଏସ୍ ଅଫିସରଙ୍କ ପତ୍ନୀଙ୍କ ପଛରେ କାହିଁକି ହାତ ଯୋଡ଼ି ଛିଡ଼ା ହେବାକୁ ବାଧ୍ୟ ହେଉଛନ୍ତି? କି ଉତ୍ତର ଦେବେ ଅରୁଣ ସାହୁ? ଏହାର ଜବାବ ଓଡ଼ିଶାର ଜନସାଧାରଣ ତାଙ୍କଠାରୁ ଚାହୁଁଛନ୍ତି ।

## ପ୍ରମିଳା ମଲ୍ଲିକଙ୍କୁ ପ୍ରଶ୍ନବାଣ ଓ 'କବାଟ କିଳା' ରାଜନୀତି

ଏବେ ଆସନ୍ତୁ ଦେଖିବା ବିଜେଡିର ଆଉ ଜଣେ ହେଭିୱେଟ୍ ନେତ୍ରୀ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ବକ୍ତବ୍ୟକୁ । ପ୍ରମିଳା ମାଡାମଙ୍କୁ




ଯେତେବେଳେ ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନ କଲେ, ସେତେବେଳେ ସେ ବହୁତ ସହଜରେ କହିଦେଲେ କି- "ସୁଜାତା ରାଉତ କାର୍ତ୍ତିକେୟନ ହେଉଛନ୍ତି ଦଳର ଜଣେ ସାଧାରଣ କର୍ମୀ ।"

ପ୍ରମିଳା ମଲ୍ଲିକ ଓଡ଼ିଶାର ସାଢେ ଚାରି କୋଟି ଜନସାଧାରଣଙ୍କୁ ଏତେ ବୋକା ଭାବୁଛନ୍ତି କେମିତି? ସେ ଭାବୁଛନ୍ତିକି, ସେ ଯାହା କହିବେ, ଓଡ଼ିଶାବାସୀ ତାକୁ ଆଖି ବନ୍ଦ କରି ବିଶ୍ୱାସ କରିନେବେ? ଆସନ୍ତୁ ଟିକେ ଇତିହାସ ଉପରେ ନଜର ପକାଇବା । ୧୯ ୯ ୭ରେ ବିଜୁ ଜନତା ଦଳ ଗଠନ ହେବା ପରଠାରୁ ଆଜି ପର୍ଯ୍ୟନ୍ତ, ଏହି ଦଳରେ ଶହ ଶହ ବଡ଼ ନେତା, ସାଂସଦ, ବିଧାୟକ, ଚଳଚ୍ଚିତ୍ର ତାରକା ଏବଂ ବଡ଼ ଜନନେତା ସାମିଲ ହୋଇଛନ୍ତି । ସେମାନଙ୍କର ମିଶ୍ରଣ ପର୍ବ କେମିତି ହୁଏ, ତାହା ସାରା ଓଡ଼ିଶା ଦେଖିଛି ।

ସେମାନେ ସମସ୍ତେ ନବୀନ ନିବାସକୁ ଯାଆନ୍ତି, ସେଠାରେ ନବୀନ ବାବୁଙ୍କ ହାତରୁ ଦଳୀୟ ଉତ୍ତରୀୟ ଗ୍ରହଣ କରନ୍ତି ଏବଂ ଗୋଟିଏ ବୁକେ ଦେଇ ଫଟୋ ଉଠାଇ ଫେରିଆସନ୍ତି । କୌଣସି ନୂଆ ନେତା ନବୀନ ପଟ୍ଟନାୟକଙ୍କ ସାମ୍ନାରେ ଛିଡ଼ା ହୋଇ ମାଇକ୍‌ରେ ଲମ୍ବା ଚଉଡ଼ା ଭାଷଣ ଦେବାର କେହି କେବେ ଦେଖିନାହାନ୍ତି ।

କିନ୍ତୁ ସୁଜାତା ରାଉତ କାର୍ତ୍ତିକେୟନଙ୍କ କ୍ଷେତ୍ରରେ କଣ ହେଲା? ସେ କଣ ଜଣେ ସାଧାରଣ କର୍ମୀ? ଯଦି ସେ ସାଧାରଣ କର୍ମୀ, ତେବେ ସ୍ୱୟଂ ନବୀନ ପଟ୍ଟନାୟକ ନିଜ ନିବାସ ଛାଡ଼ି ଶଙ୍ଖ ଭବନକୁ କାହିଁକି ଆସିଲେ? ଶଙ୍ଖ ଭବନ ଭିତରେ କବାଟ କିଳା ମିଶ୍ରଣ ପର୍ବ କାହିଁକି ହେଲା? ଏବଂ ସବୁଠାରୁ ବଡ଼ କଥା ହେଉଛି, ସେହି ମିଶ୍ରଣ ପର୍ବରେ ସୁଜାତା ଦଳର ସବୁ ବଡ଼ ବଡ଼ ନେତାମାନଙ୍କୁ ସାମ୍ନାରେ ବସାଇ ମଞ୍ଚ ଉପରୁ ଭାଷଣ ଦେଲେ!

ଏହା କଣ ଜଣେ ସାଧାରଣ କର୍ମୀର ଲକ୍ଷଣ? ଏହା କେଉଁ ପ୍ରକାରର ସଂକେତ ଦେଉଛି, ପ୍ରମିଳା ମଲ୍ଲିକ ଏହାର ସ୍ପଷ୍ଟ ଉତ୍ତର ଓଡ଼ିଶାବାସୀଙ୍କୁ ଦେବେ କି? ଏହି ପ୍ରଶ୍ନରୁ ବିଜେଡି ନେତାମାନେ ମୁହଁ ଲୁଚାଇ ପାରିବେ ନାହିଁ ।

## ସତ ହେଲା ଦେବାଶିଷଙ୍କ କଥା

ଏହି ସମସ୍ତ ଘଟଣାକ୍ରମରୁ ଏବେ ଗୋଟିଏ କଥା ସୂର୍ଯ୍ୟ ପରି ସ୍ପଷ୍ଟ ପ୍ରମାଣିତ ହୋଇଯାଉଛିଯେ, ଦିନେ ବିଜେଡିର ପୂର୍ବତନ ବରିଷ୍ଠ ନେତା ତଥା ସାଂସଦ ଦେବାଶିଷ ସାମନ୍ତରାୟ ଦଳ ଭିତରେ ଚାଲିଥିବା ଯେଉଁ ଗୁପ୍ତ ରହସ୍ୟ ବିଷୟରେ କହିଥିଲେ, ତାହା ଶତପ୍ରତିଶତ ସତ ଥିଲା । ଦେବାଶିଷ ସାମନ୍ତରାୟ ସ୍ପଷ୍ଟ କରିଥିଲେ କି, ଭୈରବ କାର୍ତ୍ତିକେୟନ ପାଣ୍ଡିଆନ ପଛ ଦ୍ୱାର ଦେଇ, ଅର୍ଥାତ୍ ବ୍ୟାକ୍-ଡୋର୍ ଏଣ୍ଟ୍ରି କରି ସମ୍ପୂର୍ଣ୍ଣ ବିଜୁ ଜନତା ଦଳକୁ ନିଜ କବ୍‌ଜାକୁ ନେଇ ସାରିଛନ୍ତି ।

ଏବେ ସେହି କଥା ପ୍ରମାଣିତ ହେଉଛି । ଯେଉଁ ପାଣ୍ଡିଆନ ଗତ ନିର୍ବାଚନରେ ବିଜେଡିର ଶୋଚନୀୟ ପରାଜୟ ପରେ କ୍ୟାମେରା ସାମ୍ନାକୁ ଆସି କହିଥିଲେକି ସେ ସକ୍ରିୟ ରାଜନୀତିରୁ ସନ୍ନ୍ୟାସ ନେଉଛନ୍ତି । ସେହି ସନ୍ନ୍ୟାସ କେବଳ ଗୋଟିଏ ବଡ଼ ନାଟକ ଥିଲା । ସେ ସିଧାସଳଖ ସାମ୍ନାକୁ ନଆସି, ନିଜ ପତ୍ନୀଙ୍କ ମାଧ୍ୟମରେ ଦଳକୁ ସମ୍ପୂର୍ଣ୍ଣ ଭାବେ ନିଜ ନିୟନ୍ତ୍ରଣରେ ରଖିବାକୁ ଚାହୁଁଛନ୍ତି । ପାଣ୍ଡିଆନଙ୍କର ମୁଖ୍ୟମନ୍ତ୍ରୀ ହେବାର ସ୍ୱପ୍ନ ଏବେ ମଧ୍ୟ ମରିନାହିଁ । ସେ ନିଜେ ପଛରେ ରହି, ପତ୍ନୀ ସୁଜାତାଙ୍କୁ ଆଗକୁ କରି ଓଡ଼ିଶାର କ୍ଷମତା ଗାଦି ଉପରେ ପୁଣିଥରେ ନଜର ପକାଇଛନ୍ତି । ବିଜେଡିର ସମସ୍ତ ପୁରୁଖା ଓଡ଼ିଆ ନେତା ଏବେ କେବଳ ଦର୍ଶକ ସାଜିଛନ୍ତି ଏବଂ ଜଣେ ଅଣ-ଓଡ଼ିଆ ପ୍ରଭାବଶାଳୀ ଗୋଷ୍ଠୀ ଦଳକୁ ନିଜ ଇସାରାରେ ନଚାଉଛି ।

## ଧର୍ମେନ୍ଦ୍ରଙ୍କ ସେହି 'ଶଶୀକଳା ମଡେଲ୍' ଚେତାବନୀ

ଆପଣମାନଙ୍କର ମନେଥିବ, ଗତ ସାଧାରଣ ନିର୍ବାଚନ ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର କୋଣ ଅନୁକୋଣକୁ ଯାଇ ସଭା ସମିତିରେ ଏକ ବଡ଼ ଚେତାବନୀ ଦେଉଥିଲେ। ସେ ବାରମ୍ବାର ତାମିଲନାଡୁ ରାଜନୀତିର ଉଦାହରଣ ଦେଇ କହୁଥିଲେ କି- \"ତାମିଲନାଡୁରେ ଯେଉଁଳି ଶଶୀକଳା ଅସଦ୍ ଉପାୟରେ, ଗୁପ୍ତ ରଣନୀତି କରି ଜୟଲଳିତାଙ୍କୁ ନିଜ କବ୍ଜାରେ ରଖିଥିଲେ ଏବଂ ସମସ୍ତ କ୍ଷମତା ନିଜ ହାତକୁ ନେଇଯାଇଥିଲେ। ଠିକ୍ ସେହିପରି ଓଡ଼ିଶାରେ ତାମିଲ ପୁଅ ଭିରେଵ କାର୍ତ୍ତିକେୟନ ପାଣ୍ଡିଆନ ସମ୍ପୂର୍ଣ୍ଣ ବିଜେଡି ଏବଂ ନବୀନ ପଟ୍ଟନାୟକଙ୍କୁ କବ୍ଜା କରି ରଖିଛନ୍ତି।

ଧର୍ମେନ୍ଦ୍ର ସେତେବେଳେ କହିଥିଲେ କି, ପାଣ୍ଡିଆନଙ୍କର ଏକମାତ୍ର ଲକ୍ଷ୍ୟ ହେଉଛି ନବୀନଙ୍କ ଅସୁସ୍ଥତାର ସୁଯୋଗ ନେଇ ଦଳ ଏବଂ ସରକାରର ମୁଖିଆ ହେବା। ଏହିକଥାକୁ ଓଡ଼ିଶାର ସ୍ୱାଭିମାନୀ ଓଡ଼ିଆ ମତଦାତାମାନେ ଖୁବ୍ ଭଲ ଭାବରେ ବୁଝିପାରିଲେ। ସେମାନେ ଦେଖିଲେ କି ଓଡ଼ିଶାର ଶାସନ ଜଣେ ଅଣ-ଓଡ଼ିଆଙ୍କ ହାତକୁ ଚାଲିଯାଉଛି। ସେଥିପାଇଁ ଓଡ଼ିଆ ମତଦାତାମାନେ ନିଜର ସ୍ୱାଭିମାନ ରକ୍ଷା କରିବା ପାଇଁ ଗତ ନିର୍ବାଚନରେ ବିଜେଡିକୁ କ୍ଷମତାରୁ ସମ୍ପୂର୍ଣ୍ଣ ଭାବେ ହଟାଇ ଦେଲେ।

କ୍ଷମତା ଯିବା ପରେ ପାଣ୍ଡିଆନ ବୁଝିଗଲେ କି ଓଡ଼ିଶା ଜନସାଧାରଣ ତାଙ୍କୁ ସିଧାସଳଖ ଗ୍ରହଣ କରିବେ ନାହିଁ। ସେଥିପାଇଁ ସେ ଗୋଟିଏ ନୂଆ ନାଟକ ରଚନା କଲେ। ପ୍ରଥମେ ରାଜନୀତିରୁ ସନ୍ନ୍ୟାସ ନେବାର ଭିଡିଓ ଜାରି କଲେ। ଏବେ ନିଜର ପତ୍ନୀ, ଯିଏ କି ଜଣେ ତଥାକଥିତ ଓଡ଼ିଆ ଘରର ଝିଅ କିନ୍ତୁ ତାମିଲ ବୋହୂ- ସେହି ସୁଜାତା ରାଉତ କାର୍ତ୍ତିକେୟନଙ୍କୁ ବିଜେଡିରେ ସାମିଲ କରାଇଛନ୍ତି। ଏହାର ସିଧା ସଳଖ ଅର୍ଥ ହେଉଛି, ପାଣ୍ଡିଆନ ଏବେ ମଧ୍ୟ ପଛରେ ରହି ଦଳର ନେତୃତ୍ୱ ନେଉଛନ୍ତି ଏବଂ ଆଗାମୀ ଦିନରେ ସୁଜାତାଙ୍କୁ ମୁଖ୍ୟମନ୍ତ୍ରୀ ଚେହେରା ଭାବେ ଉପସ୍ଥାପିତ କରିବାକୁ ଯାଉଛନ୍ତି।

ତେବେ ପ୍ରଶ୍ନ ଉଠୁଛି କି ଓଡ଼ିଶାର ସ୍ୱାଭିମାନ କଣ ଏମିତି ବାରମ୍ବାର ପଛ ଦ୍ୱାର ରାଜନୀତି ପାଖରେ ବଳି ପଡ଼ିବ? ଅରୁଣ ସାହୁ ଯେଉଁମାନଙ୍କୁ 'ମାଇଚିଆ\' ବୋଲି କହୁଛନ୍ତି। ଆଜି ସେହି ଭାଷା ନିଜ ଦଳ ଆଡ଼କୁ ଇସାରା କରୁଛି କି ନାହିଁ, ତାହା ଆପଣମାନେ ନିଜେ ବିଚାର କରନ୍ତୁ। ବିଜେଡିର ଏହି ନୂଆ 'ସୁଜାତା ମଡେଲ' କଣ ଦଳକୁ ପୁଣିଥରେ ବଞ୍ଚାଇପାରିବ, ନା ଓଡ଼ିଶାର ସ୍ୱାଭିମାନୀ ମତଦାତା ଏହି ପରିବାରବାଦ ଏବଂ ପଛଦ୍ୱାର କବ୍ଜା ରାଜନୀତିକୁ ପୁଣିଥରେ ଉଚିତ ଜବାବ ଦେବେ?

ଆପଣଙ୍କୁ କଣ ଲାଗୁଛି? ସୁଜାତା ରାଉତ ଏଣ୍ଟ୍ରି ପରେ ବିଜେଡିର ଭବିଷ୍ୟତ କଣ ହେବ? ଅରୁଣ ସାହୁ ଏବେ କଣ ଉତ୍ତର ଦେବେ?

# ଧର୍ମେନ୍ଦ୍ରଙ୍କୁ ମୋଦିଙ୍କ ସାର୍ଟିଫିକେଟ୍

ଆଜିକାଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କିଭଳି ଶୃଙ୍ଖଳା କିଳା ନେଉଛନ୍ତି, ତାହା ତ ସାରା ଦେଶ ଦେଖୁଛି। ଏଇ ମଉକାରେ ଅସରପା ବି ସାଲୁବାଲୁ ହୋଇଗଲେଣି। ମୋଦି ସରକାରଙ୍କୁ ଘେରିବାର ମଉକାକୁ କେହି ହାତଛଡ଼ା କରିବାକୁ ଚାହୁଁନାହାନ୍ତି। ନିଟ୍ ପାଇଁ ବଦନାମ ମୁଣ୍ଡାଇବା ପରେ ସେ କୁଆଡ଼େ ମନ୍ତ୍ରୀମଣ୍ଡଳରୁ ପଳାଇବେ ବୋଲି ବି ତାଙ୍କ ନିନ୍ଦୁକମାନେ ଚର୍ଚ୍ଚା କରୁଛନ୍ତି। ହେଲେ ଜନ୍ମଦିନ ଅଭିନନ୍ଦନ ଆଳରେ ଧର୍ମେନ୍ଦ୍ରଙ୍କୁ ସାର୍ଟିଫିକେଟ ଦେଇଛନ୍ତି ମୋଦି। ଯାହାକୁ ନେଇ ଧର୍ମେନ୍ଦ୍ରଙ୍କ କ୍ୟାମ୍ପ ବେଶ୍ ଖୁସି। ମୋଦି ତାଙ୍କ ଏକ୍ସରେ ଉଲ୍ଲେଖ କରିଛନ୍ତିଯେ, ଜାତୀୟ ଶିକ୍ଷା ନୀତିର ସଫଳ ରୂପାୟନ ଦିଗରେ ଶ୍ରୀ ପ୍ରଧାନ ପ୍ରଶଂସନୀୟ କାର୍ଯ୍ୟ କରୁଛନ୍ତି। ଯାହା ଭାରତକୁ ଜ୍ଞାନ, ଶିକ୍ଷା ଏବଂ ନବସୃଜନର ଏକ ପ୍ରମୁଖ କେନ୍ଦ୍ର ଭାବରେ ଗଢ଼ି ତୋଳିବ।



ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

## ସୁଜିତ୍ କୁମାରଙ୍କ ଏତଲା

# ସୁଶାନ୍ତଙ୍କ ମନରେ କମ୍ପନ

ରାଜ୍ୟସଭା ସାଂସଦ ସୁଜିତ୍ କୁମାରଙ୍କ ଗୋଟିଏ ଏତଲା ଏବେ ରାଜ୍ୟ ରାଜନୀତିରେ ଆଲୋଡ଼ନ ସୃଷ୍ଟିକରିଛି। ଜେଲ ଡିଜି ସୁଶାନ୍ତ କୁମାର ନାଥଙ୍କ ମନରେ କମ୍ପନ ସୃଷ୍ଟିହୋଇଛି। ବିହାରୀ ଅପରାଧିଙ୍କୁ ଚୌଦ୍ୱାର ଜେଲରୁ ଖସାଇବାରେ ସୁଶାନ୍ତଙ୍କ ସହ ଚୌଦ୍ୱାର ସର୍କଲ ଜେଲ ବରିଷ୍ଠ ଅଧିକ୍ଷକ ସୁଜିତ୍ କୁମାର ରାଉଳ ଷଡ଼ଯନ୍ତ୍ର କରିଛନ୍ତି ବୋଲି ଏତଲା ଦେଇଛନ୍ତି। ପୁଲିସ୍ ବି ସାଂସଦଙ୍କ ଏତଲା ରଖିଛି।



ଆଗାମୀ ଦିନରେ ଏହାକୁ ନେଇ ଛାନଭିନ ଚାଲିବା ନିଶ୍ଚିତ। କାହିଁକିନା ସୁଜିତ୍ କୁମାର କେବଳ ରାଜନେତା ନୁହଁନ୍ତି ସୁପ୍ରିମକୋର୍ଟର ଜଣେ ବରିଷ୍ଠ ଆଇନଜୀବୀ ଭାବେ ବି ତାଙ୍କର ଖ୍ୟାତି ରହିଛି। ମାପିଚୁପି କଥା କହିବାରେ ବି ସେ ସିଦ୍ଧହସ୍ତ। ବିନା ତଥ୍ୟ ପ୍ରମାଣରେ ତାଙ୍କ ପାଟିରୁ ବଚନ ବି ବାହାରେ ନାହିଁ। ଯେଉଁ ବିଷୟରେ ଧାରଣା ନଥିବ, ସେ ବିଷୟରେ ପଦୁଟିଏ ବି ମୁହଁ ଖୋଲନ୍ତିନି। ତେଣୁ ସୁଜିତ କୁମାରଙ୍କ ଭଳି ଜଣେ ସାଂସଦ ଯେତେବେଳେ ବିହାରୀ ଅପରାଧି ଫେରାର ଘଟଣାରେ ଜେଲ ଡିଜିଙ୍କୁ ଟାଣିଛନ୍ତି, ନିଶ୍ଚିତ ଭାବେ ତଥ୍ୟ ପ୍ରମାଣ ପାଇଛନ୍ତି ବୋଲି କୁହାଯାଇପାରିବ। କାହିଁକିନା ଏହା ଯାହିତାହି ଏତଲା ନୁହେଁ। ସିଧାସଳଖ ପୁଲିସ୍ ଡିଜିଙ୍କ ଉପରକୁ ଆଙ୍ଗୁଳି ଉଠିଛି। ଅତଏବ ଏନେଇ ସୁଜିତଙ୍କୁ ମଧ୍ୟ ପୁଲିସ୍ ଉଚରା କରିବା ନିଶ୍ଚିତ।

ମିଳିଥିବା ସୂଚନା ଅନୁଯାୟୀ, ବିହାରୀ ଅପରାଧି ଫେରାର ଘଟଣା ସୁଜିତ କୁମାରଙ୍କୁ ବ୍ୟଥିତ କରିଥିଲା। ସୁପ୍ରିମକୋର୍ଟର ଆଇନଜୀବୀ ହୋଇଥିବାରୁ ତାଙ୍କ ପାଖରେ କିଛି ତଥ୍ୟ ପ୍ରମାଣ ଲାଗିଥିଲା। କିନ୍ତୁ ଜେଲ ଡିଜି କି ଜେଲ ସୁପରିଟେଣ୍ଡେଣ୍ଟଙ୍କ ବିରୋଧରେ ଏତଲା ଦେବା ପାଇଁ ଯଥେଷ୍ଟ ତଥ୍ୟ ପ୍ରମାଣର ଆବଶ୍ୟକତା ରହିଥିଲା। କିଛି ମାସ ଭିତରେ ଏମିତି ଅନେକ ତଥ୍ୟ ସୁଜିତ୍ କୁମାରଙ୍କ ହାତରେ ଲାଗିଛି। ଯେଉଁଥିପାଇଁ ସେ ଏତଲା ଦେଇଛନ୍ତି। ସରକାରୀ ଦଳର ଜଣେ ସାଂସଦ ଖୋଦ୍ ବରିଷ୍ଠ ପୁଲିସ୍ ଅଧିକାରୀଙ୍କ ବିରୋଧରେ ଏତଲା ଦେବାବେଳେ ଗୃହ ବିଭାଗରେ କମ୍ପନ ସୃଷ୍ଟିହୋଇଛି।

ଅପରପକ୍ଷରେ ଚୌଦ୍ୱାର ଜେଲ୍ ଅଧିକ୍ଷକଙ୍କୁ ପୁଲିସ୍ ଯେଉଁସବୁ ତଥ୍ୟ ମାଗିଥିଲା ତାହା ଦିଆଯାଇନାହିଁ। ଜେଲ ସିସିଟିଭି କ୍ୟାମେରା ଫୁଟେଜ୍ ଓ ଦସ୍ତାବିଜ୍ ସବୁ ଗାୟବ ହୋଇ ଯାଇଥିବା ଜାଣିବାକୁ ମିଳିଛି। ଦୁଇ ଦୁର୍ଦ୍ଦାନ୍ତ ବିହାରୀ ଅପରାଧି ରାଜା ସାହାଣୀ ଓ ମଧୁକାନ୍ତ କୁମାର ଚୌଦ୍ୱାର ଜେଲରୁ ଫେରାର ହେବା ପରେ ସୁଜିତ ରାଉଳଙ୍କ ବିରୋଧରେ ଚୌଦ୍ୱାର ଜେଲର ତତ୍କାଳୀନ ଜେଲର ସନ୍ତୋଷିନୀ ଦାସ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ମଧ୍ୟ ପୁଲିସ୍ ତଦନ୍ତ ଜାରିରଖିଛି।

# ଚକିତ କରୁଛି ଶାହଙ୍କ ନୂଆ ରଣନୀତି

**ଆଜିକା ଦିନରେ ବିଜେପିର ଚାଣକ୍ୟ ହେଉଛନ୍ତି ଅମିତ୍ ଶାହ । ମୋଦିଙ୍କ କ୍ରେଜ୍ ଓ ଶାହଙ୍କ ବୁଦ୍ଧିରେ ବିଜେପି ଏବେ ସାରା ଦେଶରେ ରାଜ କରୁଛି । ଦଳର ଭୋଟ୍ ବ୍ୟାଙ୍କ ବଢ଼ିବାରେ ଲାଗିଛି । ସରକାରୀ ବିରୋଧୀ ହାୱାବି କାମ କରୁନି । ଦକ୍ଷିଣର କିଛି ନିର୍ଦ୍ଦିଷ୍ଟ ରାଜ୍ୟକୁ ଛାଡ଼ିଦେଲେ ବାକି ସବୁଠି ବିଜେପି କାୟା ବିସ୍ତାର କରିଚାଲିଛି । ହେଲେ ଶାହଙ୍କ ନୂଆ ରଣନୀତିକୁ ନେଇ ଏବେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ଯାହାକି ସ୍ୱାଭାବିକ ଭାବେ ସଭିଙ୍କୁ ଚକିତ କରିଛି ।**

## କ'ଣ ସେହି ରଣନୀତି ?

ପଶ୍ଚିମବଙ୍ଗରେ ଟିମଏସିର ୨୦ ସାଂସଦ ମମତା ବାନାର୍ଜୀଙ୍କ ବିରୋଧରେ ବିଦ୍ରୋହ କଲେ । ଏମିତିକି ମମତାଙ୍କ ଅତ୍ୟନ୍ତ ଘନିଷ୍ଠ ସାଂସଦ ବି ମମତାଙ୍କ ହାତ ଛାଡ଼ିଦେଲେ । ବିଜେପି ନଚାହିଁଥିଲେ ଏହି ସାଂସଦମାନଙ୍କର ବିଦ୍ରୋହର ସାହସ ନଥିଲା । ହେଲେ ସେମାନେ ସିଧାସଳଖ ବିଜେପିରେ କାହିଁକି ମିଶିଲେନି ? ସେମାନେ ବି ଆରାମରେ ପଦ୍ମଫୁଲ ସାଂସଦ ଭାବେ ପରିଗଣିତ ହୋଇଥା'ନ୍ତେ । କିନ୍ତୁ ସେମିତି ହୋଇନି । ନାଁ ଗନ୍ଧ ନଥିବା ଗୋଟିଏ ଦଳ ଏନସିପିଆଇରେ ଟିଏମସିର ସାଂସଦମାନେ ରହିଲେ । ଅଖା ଗଉଣୀ ନଥିବା ଏନସିପିଆଇ ଆଜିକା ଦିନରେ ଲୋକସଭାର ଅନ୍ୟତମ ବୃହତ୍ତମ ଦଳର ମାନ୍ୟତା ପାଇଛି ।

ମହାରାଷ୍ଟ୍ରରେ ଶିବସେନାକୁ ବିଜେପି ହିଁ ଦି ଭାଗ କରିଦେଲା । ଉଦ୍ଧବ ଠାକରେ କଂଗ୍ରେସ ମେଣ୍ଟ ମୁହାଁ ହେବାରୁ ବିଜେପି ତାଙ୍କୁ ଚେକ୍ ଦେଲା । ଏକନାଥ ସିନ୍ଦେଙ୍କୁ ବଳୁଆ କଲା । ଏବେ ଉଦ୍ଧବ ଠାକରେଙ୍କ କ୍ୟାମ୍ପରୁ ୬ ସାଂସଦ ଯାଇ ଏକନାଥଙ୍କ ଗୋଷ୍ଠୀରେ ସାମିଲ୍ ହୋଇଛନ୍ତି । ଏବେ ଏକନାଥ ମୁଖ୍ୟମନ୍ତ୍ରୀ ବି ନାହାନ୍ତି । ପୂର୍ବାପେକ୍ଷା ତାଙ୍କର କ୍ଷମତା ବି କମିଯାଇଛି । ଏମିତିକି ଏନଡ଼ିଏ ସରକାରରେ ସେଭଳି ଗୁରୁତ୍ୱ ମିଳୁନଥିବା ନେଇ ବି ଚର୍ଚ୍ଚା ହେଉଛି । ତଥାପିବି ଉଦ୍ଧବଙ୍କୁ ଛାଡ଼ି ଏକନାଥଙ୍କ ସହ ସାଂସଦମାନେ ଗଲେ କାହିଁକି ? ସାଧାରଣ ଆଖିରେ ଦେଖିଲେ ସେମାନେ ଏକନାଥଙ୍କ ଶିବସେନାରେ ସାମିଲ୍ ହୋଇଛନ୍ତି ବୋଲି କୁହାଯିବ । କିନ୍ତୁ ରାଜନୀତିକ ଚଷମାରେ ଅନୁଶୀଳନ କଲେ ସେମାନେ ପରୋକ୍ଷରେ ବିଜେପିରେ ହିଁ ସାମିଲ୍ ହୋଇଛନ୍ତି ।

ଆମ ଆଦମୀ ପାର୍ଟିକୁ ବି ଖଣ୍ଡ ବିଖଣ୍ଡିତ କରିଦେଇଛି ବିଜେପି । ରାଘବ ଚଢ଼ାଙ୍କ ଭଳି ନେତାଯେ, ଅରବିନ୍ଦ କେଜ୍ରିୱାଲଙ୍କ ହାତ ଛାଡ଼ିଦେବେ ତାହା କେହି ଭାବିନଥିଲେ । କିନ୍ତୁ ଚଢ଼ାଙ୍କ ନେତୃତ୍ୱରେ ହିଁ ସାଂସଦମାନେ ବିଜେପି ଯାଇଛନ୍ତି । ସେମାନଙ୍କୁ ଶାହ ହିଁ କୂଟନୀତି ପ୍ରୟୋଗ କରି ବିଜେପିରେ ସାମିଲ୍ କରିଛନ୍ତି ।

ଓଡ଼ିଶାରେ ବି ଏବେ ଆଉ ଏକ ବଡ଼ ଚର୍ଚ୍ଚା ହେଉଛି । ସୁଜାତା ରାଉତଙ୍କ ବିଜେଡ଼ିରେ ଯୋଗଦାନ ପଛରେ ଅଛନ୍ତି ଅମିତ୍ ଶାହ । ଏମିତିକି ଆଗାମୀ ଦିନରେ ବିଜେଡ଼ି ଓ ବିଜେପି ମେଣ୍ଟ ନେଇ ବି ରାଜନୀତିକ ଅଳିନ୍ଦରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ଆଗାମୀ ଦିନରେ ସମାଜବାଦୀ ପାର୍ଟିରେ ବି ବିଭାଜନ ହେବାର ସମ୍ଭାବନା ରହିଛି । ଜେଡ଼ିୟୁକୁ ମଧ୍ୟ ବିଜେପି ସମ୍ପୂର୍ଣ୍ଣ ଭାବେ କରାୟତ୍ତ କରିସାରିଲାଣି । ଏଲଜେପି ବି ଏନଡ଼ିଏ ସହ ରହିଛି । ଏନସିପିର ବଡ଼ ଗୋଷ୍ଠୀଟି ବିଜେପି ସହ ଅନେକ ଦିନ ହେଲା ଜଡ଼ିତ ହୋଇସାରିଲାଣି । ଟିଡ଼ିପି ଏମିତିବି ଏନଡ଼ିଏ ସହ ରହିଛି । ସେହିପରି ଜଗନଙ୍କ ୱାଇଏସଆର ଦଳ ବି ଏନଡ଼ିଏ ସହ ଭଲ ସମ୍ପର୍କ ରଖିଥିଲା । କର୍ଣ୍ଣାଟକରେ ଜେଡ଼ିଏସ ମଧ୍ୟ ବିଜେପି ସହ ରହିଛି । ତାମିଲନାଡୁରେ ଏଆଇଡ଼ିଏମକେ ବିଜେପି ସହ ଥିବାବେଳେ ଆଗାମୀ ଦିନରେ ଡିଏମକେ ଏନଡ଼ିଏ ଆଡ଼କୁ ଢଳିଲେ ଆଶ୍ଚର୍ଯ୍ୟ ହେବାର ନାହିଁ । ଏମିତି ଭାବେ ଜାତୀୟ ରାଜନୀତିକୁ ଅନୁଶୀଳନ କଲେ ପ୍ରମୁଖ ଆଞ୍ଚଳିକ ଦଳଗୁଡ଼ିକ ଏବେ ବିଜେପି ସହ ରହିଛି । ଆଞ୍ଚଳିକ ଦଳଗୁଡ଼ିକୁ ହାତମୁଠାରେ ରଖିବାରେ ଅମିତ ଶାହଙ୍କ ବଡ଼ ଯୋଗଦାନ ଅଛି ।

ଆଗାମୀ ଦିନରେ ମୋଦିଙ୍କ ପରେ କିଏ ବୋଲି ପ୍ରଶ୍ନ ଉଠିବ ? ଏବେବି ଉଠିଲାଣି । ସେତେବେଳେ ଅମିତ ଶାହ ଓ ଯୋଗୀ ଆଦିତ୍ୟନାଥଙ୍କ ଭଳି ନେତାଙ୍କ ନାମ ଚର୍ଚ୍ଚା ହେଉଛି । କୁହାଯାଉଛି, ଶାହଙ୍କ ବାଟ ଓଗାଳିବାକୁ ଆରଏସଏସ ପ୍ରୟାସ କରିପାରେ । ସଂଘ ସହ ଜଡ଼ିତ ଆଗଧାଡ଼ିର ନେତାଙ୍କ ମଧ୍ୟରୁ କେତେକ ଶାହଙ୍କୁ ଚାହୁଁନାହାନ୍ତି । ବରଂ ସେମାନେ ଯୋଗୀ ଆଦିତ୍ୟନାଥଙ୍କ ଉପରେ ଅଧିକ ଫୋକସ କରୁଛନ୍ତି । ସେହିପରି ସମ୍ପ୍ରତି ବିଜେପିର ରାଜ୍ୟ ସଭାପତିଙ୍କ ମଧ୍ୟରୁ ୭୫% ସଭାପତି ଆରଏସଏସ ପାଇଁ ହୋଇପାରିଛନ୍ତି । ଜାତୀୟ ସଭାପତି ଚୟନ ବେଳେ ବି ଆରଏସଏସ-ବିଜେପି ମଧ୍ୟରେ ଛକାପଞ୍ଝା ଜାରି ରହିବାରୁ ତାହା ବିଳମ୍ବିତ ହୋଇଥିଲା । ୨୦୨୯ରେ ମୋଦିଙ୍କ ନେତୃତ୍ୱରେ ବିଜେପି ଲଢ଼ିବ । କିନ୍ତୁ ୨୦୩୪ ପାଇଁ ସଂଘ ତା'ର ରଣନୀତି କରିବା ଆରମ୍ଭ କରିଛି । ଆରଏସଏସ ପାଇଁ ଲାଲକୃଷ୍ଣ ଆଡ଼ଭାନୀ, ସୁଷମା ସ୍ୱରାଜ, ନୀତିନ ଗଡ଼କରୀ ଓ ଅରୁଣ ଜେଟଲୀଙ୍କ ଭଳି ନେତାଙ୍କୁ ପଛରେ ପକାଇ ମୋଦି ବିଜେପିର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହୋଇପାରିଥିଲେ । ଅତଏବ ଆରଏସଏସ ହିଁ ଆଗାମୀ ଦିନରେ ବିଜେପିର ନେତୃତ୍ୱ ନେଇ ପ୍ରମୁଖ ନିଷ୍ପତ୍ତି ନେବ । ଏହାକୁ ଆଖି ଆଗରେ ରଖି ଶାହ ଆଞ୍ଚଳିକ ଦଳ ସହ ମଜବୁତ୍ ସମ୍ପର୍କ ରକ୍ଷା କରୁଛନ୍ତି । ଯଦି ସଂଘ ଓ ବିଜେପିର କିଛି ନେତା ଭବିଷ୍ୟତରେ ତାଙ୍କୁ ପସନ୍ଦ ନକରନ୍ତି ତେବେ ଆଞ୍ଚଳିକ ଦଳଗୁଡ଼ିକ ହିଁ ତାଙ୍କ ପାଇଁ ବଡ଼ ଶକ୍ତି ଭାବେ ଉଭା ହେବେ । ଏନଡ଼ିଏର ସହଯୋଗୀ ଦଳଗୁଡ଼ିକ ଯଦି ଶାହଙ୍କ ପାଇଁ ବ୍ୟାଟିଂ କରନ୍ତି ତେବେ ଆରଏସଏସ ବି ବାଧ୍ୟହୋଇ ଶାହଙ୍କ ପ୍ରଧାନମନ୍ତ୍ରୀ ପ୍ରାର୍ଥିତ୍ୱ ଉପରେ ମୋହର ମାରିବାକୁ ବାଧ୍ୟ ହେବ ।

ସବୁ ନେତାଙ୍କୁ ବିଜେପିରେ ମିଶାଇଦେଲେ ଶାହଙ୍କର ଯେତିକି ଫାଇଦା ନହେବ, ଆଞ୍ଚଳିକ ଦଳକୁ ସଶକ୍ତ କରି ନିଜ ପାଖରେ ରଖିଲେ ତାହା ତାଙ୍କ ପାଇଁ ଲାଭଦାୟକ ହେବ । ଗାଏମୋଟ୍ କହିଲେ ଆଗାମୀ ଦିନରେ ସଂଘ-ବିଜେପି ମଧ୍ୟରେ ନେତୃତ୍ୱକୁ ନେଇ ଶୀତଳଯୁଦ୍ଧ ଚାଲିଲେ ଆଶ୍ଚର୍ଯ୍ୟ ହେବାର ନାହିଁ । ଅତୀତରେ ବି ଏଭଳି ଚିତ୍ର ଦେଖିବାକୁ ମିଳିଛି । କିନ୍ତୁ ସଂଘ ଓ ବିଜେପି ଶୃଙ୍ଖଳିତ ହୋଇଥିବାରୁ ଘର କଳି ବାହାରେ ପଡ଼େନାହିଁ । ୨୦୨୯ ନିର୍ବାଚନ ଜିତାଇ ପୁଣି ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରିବାକୁ ଶାହ ଗୋଟିଚାଳନା କରୁଥିବାବେଳେ ଏହାପରଠୁ ଶାହାଙ୍କୁ ଆହୁରି ଆଗକୁ ନେବାକୁ ମୋଦି ଗୋଟି ଚଳାଇବେ ।



# ରାମମନ୍ଦିର ପାଣ୍ଠି ଚୋରି
# ବିରୋଧୀଙ୍କ ଟାର୍ଗେଟରେ ଚମ୍ପତ ଓ ଅନୀଲ

ରାମମନ୍ଦିର ପାଣ୍ଠି ହଡ଼ପ ପ୍ରସଙ୍ଗ ଏବେ ସାରା ଦେଶରେ ଆଲୋଡ଼ନ ସୃଷ୍ଟିକରିଛି । ଏହି ମାମଲାରେ ୮ ଜଣ ଗିରଫ ହୋଇଥିବାବେଳେ, ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାଇ ଓ ଟ୍ରଷ୍ଟି ଅନୀଲ ମିଶ୍ରଙ୍କୁ ବିରୋଧୀ ଘେରିବା ଆରମ୍ଭ କରିଛନ୍ତି । କାହିଁକିନା ଏହି ଦୁଇ ଜଣ ରାମ ମନ୍ଦିର ପ୍ରତିଷ୍ଠାର ପ୍ରମୁଖ ଦାୟିତ୍ୱରେ ରହିଥିଲେ । ସବୁଠାରୁ ବଡ଼ କଥାଟି ହେଉଛି ପାଣ୍ଠି ଚୋରି ମାମଲାରେ ଗିରଫ ହୋଇଥିବା ୮ ଜଣଙ୍କ ମଧ୍ୟରେ ରହିଛନ୍ତି ଚମ୍ପତଙ୍କ ପୂର୍ବ ଡ୍ରାଇଭର ରାମ ଶଙ୍କର ଯାଦବ ।



**ଚମ୍ପତ ରାୟ :** ଉତ୍ତରପ୍ରଦେଶର ବିଜନୋର ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ଚମ୍ପତ ରାୟ ଏବେ ୭୯ ବର୍ଷ ବୟସରେ ପହଁଚିଲେଣି । ପଦାର୍ଥବିଜ୍ଞାନ ଅଧ୍ୟାପକ ଥିବା ଚମ୍ପତ ଆରଏସଏସ ସହ ବି ଯୋଡ଼ି ହୋଇଥିଲେ । ସଂଘର ବହୁ ଦାୟିତ୍ୱରେ ରହିବା ପରେ ସେ ବିଶ୍ୱ ହିନ୍ଦୁ ପରିଷଦର ବି ନେତୃତ୍ୱ ନେଇଥିଲେ । ୧୯୯୧ରେ ରାମ ଜନ୍ମଭୂମି ଆନ୍ଦୋଳନ ପାଇଁ ସେ ଅଯୋଧାରେ ସବୁ ପ୍ରକାର ପ୍ରସ୍ତୁତି ପର୍ବ କରିଥିଲେ । ପରବର୍ତ୍ତୀ ସମୟରେ ତାଙ୍କୁ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ କରାଗଲା । ଯିଏକି ଅଯୋଧାର କରସେବକପୁରମରେ ରହି ମନ୍ଦିର ନିର୍ମାଣର ଅନୁଧ୍ୟାନ କରୁଥିଲେ ।

**ଅନୀଲ ମିଶ୍ର :** ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ଅନ୍ୟତମ ଟ୍ରଷ୍ଟି ହେଉଛନ୍ତି ଅନୀଲ ମିଶ୍ର । ୬୫ ବର୍ଷୀୟ ଅନୀଲ ରାମମନ୍ଦିର ପ୍ରତିଷ୍ଠା ଉତ୍ସବବେଳେ ପ୍ରଧାନ ଯଜମାନ ଥିଲେ । ଜରୁରୀକାଳୀନ ପରିସ୍ଥିତି ସମୟରୁ ସେ ସଂଘ ସହ ଜଡ଼ିତ ରହିଛନ୍ତି । ସଂଘର ବହୁ ଦାୟିତ୍ୱରେ ରହି ବି କାର୍ଯ୍ୟ କରିଛନ୍ତି । ପୂର୍ବରୁ ସେ ହୋମିଓପାଥ୍ ଡାକ୍ତର ଭାବେ କାମ କରୁଥିଲେ ।

ଗର୍ବିତ ଓଡ଼ିଆ
ODIA WEEKLY ● GARVIT ODIA

# ମୋତେ ହଟାଇବାକୁ ଚାଲିଛି ଯୋଜନା : ଭକ୍ତ

ରାଜ୍ୟ କଂଗ୍ରେସର ଆଭ୍ୟନ୍ତରୀଣ କନ୍ଦଳକୁ ସ୍ୱୀକାର କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ଏପରିକି ତାଙ୍କୁ ପିସିସି ସଭାପତି ପଦରୁ ହଟାଇବା ପାଇଁ କିଛି କୁଚକ୍ରୀ ଓ ବିରୋଧୀ ଗୋଷ୍ଠୀ ଦୁଇ ତିନିମାସରୁ ଅଧିକ ସମୟ ହେଲା ପ୍ରୟାସ କରୁଛନ୍ତି । ଗଣମାଧ୍ୟମରେ ଏକଥା ସ୍ୱୀକାର କରିଛନ୍ତି ଭକ୍ତ । ଆଉ ଆସନ୍ତା ମାସ ୨ କିମ୍ବା ୩ରେ କଂଗ୍ରେସର ନୂଆ ପ୍ରଭାରୀ ଲାଲାଜୀ ଦେଶାଇ ଓଡିଶା ଗସ୍ତରେ ଆସିପାରନ୍ତି ବୋଲି ସେ ସୂଚନା ଦେଇଛନ୍ତି ।



ଗଣମାଧ୍ୟମକୁ ଭକ୍ତ କହିଛନ୍ତି ଯେ, ଆସନ୍ତା ୨ ଓ ୩ ତାରିଖରେ ହେବାକୁ ଥିବା ଜିଲ୍ଲା ସମୀକ୍ଷା ବୈଠକରେ ସମସ୍ତ ଜିଲ୍ଲା ସଭାପତିଙ୍କୁ ଆହ୍ୱାନ କରାଯାଇଛି । ଏହି ସମୟରେ ନୂଆ ପ୍ରଭାରୀ ଶ୍ରୀ ଦେଶାଇ ଦିନକ ପାଇଁ ଓଡିଶା ଆସିବେ । ତାଙ୍କର ଚାଲିଥିବା ପଦଯାତ୍ରା ଶେଷ ହେବାପରେ ଓଡିଶା ଗସ୍ତରେ ଆସି କାର୍ଯ୍ୟଭାର ତଦାରଖ କରିବେ । ଲାଲାଜୀ ଦେଶାଇ ଜଣେ ସୁଦକ୍ଷ ଗାନ୍ଧୀବାଦୀ ନେତା ଓ ରାହୁଲଙ୍କ ନେତୃତ୍ୱରେ ଅନୁପ୍ରାଣୀତ ବ୍ୟକ୍ତିତ୍ୱ । ରାହୁଲ ଗାନ୍ଧୀଙ୍କ କାଶ୍ମୀରରୁ କନ୍ୟାକୁମାରୀ ପଦଯାତ୍ରାରେ ସେ ସାମିଲ ଥିଲେ ଓ ଏବେ ମଧ୍ୟ ନିରନ୍ତର ଭାବେ ପଦଯାତ୍ରାରେ ସକ୍ରିୟ ରହିଛନ୍ତି । ଓଡିଶା ଦାୟିତ୍ୱ ତାଙ୍କ ଭଳି ଜଣେ ତୃଣମୂଳସ୍ତରର ନେତାଙ୍କୁ ମିଳିବା ଦଳ ପାଇଁ ଶୁଭ ସୂଚନା । ସେ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତ ଓ ଜିଲ୍ଲାସ୍ତରକୁ ଯାଇ ସଂଗଠନକୁ ମଜବୁତ କରିବେ । ପ୍ରଭାରୀ ପରିବର୍ତ୍ତନ ହେବା ଦଳର ଏକ ନିରନ୍ତର ସଂଗଠନ ସୁଦୃଢ଼ୀକରଣ ପ୍ରକ୍ରିୟାର ଅଂଶବିଶେଷ ଓ ଏଭଳି ପରିବର୍ତ୍ତନ ବିଭିନ୍ନ ରାଜ୍ୟରେ କରାଯାଇଛି ବୋଲି ଶ୍ରୀ ଦାସ କହିଛନ୍ତି ।

ସେହିପରି ଦଳର ଆଭ୍ୟନ୍ତରୀଣ ବିବାଦ ଓ ତାଙ୍କୁ ସଭାପତି ପଦରୁ ହଟାଯିବାକୁ ନେଇ ଚାଲିଥିବା ଚର୍ଚ୍ଚା ଉପରେ ଶ୍ରୀ ଦାସ କଡା ଜବାବ ରଖିଛନ୍ତି । ସେ କହିଛନ୍ତିଯେ, ଏଭଳି ଚର୍ଚ୍ଚାର କୌଣସି ବାସ୍ତବିକ ମୂଲ୍ୟ ନାହିଁ । କିଛି କୁଚକ୍ରୀ ଓ ବିରୋଧୀ ଗୋଷ୍ଠୀ ବିଗତ ଦୁଇ ତିନି ମାସରୁ ଅଧିକ ସମୟ ହେବ ତାଙ୍କୁ ପିସିସି ସଭାପତି ପଦରୁ ବାହାର କରିବା ପାଇଁ ପ୍ରୟାସ କରୁଛନ୍ତି । ବିଭିନ୍ନ ପ୍ରଯୋଜିତ ଖବର ମାଧ୍ୟମରେ ଦଳରେ କଳହ ସୃଷ୍ଟି କରିବାକୁ ଲୋକଙ୍କୁ ପ୍ରବର୍ତ୍ତାଉଛନ୍ତି । ମାତ୍ର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ।

ବିଗତ ଦେଢ଼ବର୍ଷ ମଧ୍ୟରେ କଂଗ୍ରେସ ତୃଣମୂଳସ୍ତରରେ ଅଧିକ କ୍ରିୟାଶୀଳ ହୋଇଛି ଓ ପ୍ରତି ବ୍ଲକରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜରିଆରେ ସରକାରଙ୍କ ଆଭିମୁଖ୍ୟକୁ ସମାଲୋଚନା କରାଯାଉଛି । ଦଳର ଏହି ସକ୍ରିୟତା ଆଗାମୀ ପଞ୍ଚାୟତ ନିର୍ବାଚନ ଓ ୨୦୨୯ ସାଧାରଣ ନିର୍ବାଚନରେ ବ୍ୟାପକ ସଫଳତା ଆଣିଦେବ ବୋଲି ସେ କହିଛନ୍ତି । ବିରୋଧୀଙ୍କ ପକ୍ଷରୁ କରାଯାଉଥିବା ଅପପ୍ରଚାର ଓ ଅପପ୍ରଚେଷ୍ଟାର ଉପଯୁକ୍ତ ଜବାବ ଦେବା ପାଇଁ କଂଗ୍ରେସ ଏବେ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ବୋଲି ଶ୍ରୀ ଦାସ କହିଛନ୍ତି ।


# ଷଡ଼ଯନ୍ତ୍ରକାରୀଙ୍କ ପର୍ଦ୍ଦାଫାଶ କରନ୍ତୁ ମୁଖ୍ୟମନ୍ତ୍ରୀ

ସରକାରଙ୍କୁ ବଦନାମ କରିବା ପାଇଁ ଷଡ଼ଯନ୍ତ୍ର କରାଯାଇଛି ।' ଏକଥା ଆଉ କେହି ନୁହେଁ ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଏହାକୁ ହାଲକାରେ ନେଲେ ହେବନାହିଁ । କାହିଁକିନା 'ବଦନାମ' ହିଁ ସରକାର ଓ ଦଳକୁ 'ବରବାଦ' କରିଦିଏ । ମୁଖ୍ୟମନ୍ତ୍ରୀ ଯେତେବେଳେ ଟିପ୍ପଣୀ ଦେଇଛନ୍ତି, ନିଶ୍ଚିତ ଭାବେ ଗୁଇନ୍ଦା ତଥ୍ୟ ଆଧାରରେ ଦେଇଥିବେ । କାହିଁକିନା ସେ ହିଁ ସରକାର ।

ଏବେ ପ୍ରଶ୍ନ ଉଠୁଛି, ମୁଖ୍ୟମନ୍ତ୍ରୀ ଓ ବିଜେପି ସରକାରଙ୍କୁ କିଏ ବଦନାମ୍ କରିବାକୁ ଚାହୁଁଛନ୍ତି । ଏହି ଷଡ଼ଯନ୍ତ୍ରରେ ଦଳ ଭିତର ନା ଦଳ ବାହର ଲୋକ ସାମିଲ୍ ହୋଇଛନ୍ତି । ପାଠ୍ୟପୁସ୍ତକ ପ୍ରଣୟନ କମିଟି ଗଠନ ଦାୟିତ୍ୱ କାହା ପାଖରେ ଥିଲା । ପାଠ୍ୟପୁସ୍ତକ ପ୍ରସ୍ତୁତି ଦାୟିତ୍ୱ କିଏ ନେଇଥିଲେ । ଛପାଇବା ଦାୟିତ୍ୱ କାହାକୁ ମିଳିଥିଲା । ସେକଥା ମୁଖ୍ୟମନ୍ତ୍ରୀ ନିଶ୍ଚିତ ଜାଣି ସାରିବେଣି । ତଦନ୍ତ କମିଟି ନିଶ୍ଚିତ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିବେ । ତେଣୁ ମୁଖ୍ୟମନ୍ତ୍ରୀ ତୁରନ୍ତ ଷଡ଼ଯନ୍ତ୍ରକାରୀଙ୍କୁ ଖୋଜିବା ଦରକାର । ସେହି ଷଡ଼ଯନ୍ତ୍ରକାରୀମାନେ ବିଜେପିର ନା ବିଜେଡ଼ିର ସେକଥା ବି ବୁଝିବା ଓ ହେଜିବାର ଆବଶ୍ୟକତା ରହିଛି ।

ଏନେଇ ବିରୋଧୀଙ୍କୁ ବି ସରକାରଙ୍କୁ ଟାର୍ଗେଟ୍ କରିବାର ମଉକା ମିଳିଯାଇଛି । ବିଜେଡ଼ି ନେତା ଦେବୀ ପ୍ରସାଦ ମିଶ୍ର ଓ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତିଯେ, ସରକାର ଏବେ କହୁଛନ୍ତି ତଦନ୍ତ କରିବେ । ହେଲେ ଛାତ୍ରଛାତ୍ରୀମାନଙ୍କର ଯେଉଁ କ୍ଷତି ହୋଇଛି ତାହାକୁ କିଏ ଭରଣା କରିବେ? କିଏ ଷଡ଼ଯନ୍ତ୍ର କରିଛି ? ଯେଉଁ ସମ୍ପାଦନମଣ୍ଡଳୀ ଗଠିତ ହୋଇଥିଲା ତାହା ତ ମୁଖ୍ୟମନ୍ତ୍ରୀଙ୍କ ଦସ୍ତଖତରେ ହୋଇଥିଲା । କିଏ ତାଙ୍କୁ ଷଡ଼ଯନ୍ତ୍ରରେ ଫସାଇବାକୁ ଉଦ୍ୟମ କରିଛନ୍ତି ତାହା ସେ ବାହାର କରନ୍ତୁ । ତାଙ୍କ ହାତରେ ତଦନ୍ତକାରୀ ଟିମ୍ ଅଛନ୍ତି । ଚାଲି ନଜାଣି ବାଟର ଦୋଷ କହିବା ଦୁର୍ଭାଗ୍ୟଜନକ ବୋଲି ଅଶୋକ କହିଛନ୍ତି । ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଯଦି ଷଡ଼ଯନ୍ତ୍ର ହୋଇଥିବା ନେଇ ମୁଖ୍ୟମନ୍ତ୍ରୀ ଅନୁଭବ କରୁଛନ୍ତି ତେବେ ତୁରନ୍ତ ସମସ୍ତଙ୍କୁ ନିୟନ୍ତ୍ରଣରେ ନିଅନ୍ତୁ । ବହି ପୁଣିଥରେ ପ୍ରକାଶ କରାଯାଉ ।

# ପଞ୍ଚାୟତ ନିର୍ବାଚନ ହେବ ଏସିଡ ଟେଷ୍ଟ !





କୃଷି ପ୍ରଧାନ ବଲାଙ୍ଗୀର ନିର୍ବାଚନମଣ୍ଡଳୀର ସମସ୍ୟା ମୁଦ୍ରାର ଦୁଇଟି ପାଶ୍ୱର୍ ମରୁଡି ଓ ଦାଦନ। ଜମିକୁ ଜଳ ନଆସିଲେ ମରୁଡି ଓ ଚାଷୀ ଚାଷ ଛାଡିଲେ ଦାଦନ। ନିର୍ବାଚନମଣ୍ଡଳୀର ଅଧାରୁ ଅଧିକ ହେଲେ କୃଷକ ଓ ଦିନ ମଜୁରିଆ। ଏସବୁ ଭିତରେ ଯଦିଓ ବଲାଙ୍ଗିର ସଦର ବ୍ଲକ ଲୋୟର ସୁକତେଲ ସେଚାଞ୍ଚଳ ଭିତରେ ଯାଉଛି, ତଥାପି ଜଳସେଚନରୁ ବାଦ ପଡୁଛି ଦେଓଗାଁ ବ୍ଲକର ଶହ ଶହ ଏକର ଜମି। କାର୍ଯ୍ୟକାରୀ ହୋଇପାରୁନି ଦେଓଗାଁ ବ୍ଲକ ସିକୁଆଁ ଠାରେ ପ୍ରସ୍ତାବିତ ଆଇଏସଏସ ଡ୍ୟାମ। ତାହା ହେବ କି ନାହିଁ ଏବେ ସନ୍ଦେହ ଘେରରେ। କେବଳ ଗ୍ରାମାଞ୍ଚଳ କାହିଁକି ଖୋଦ ବଲାଙ୍ଗିର ପୌରପରିଷଦ ମଧ୍ୟ ସମସ୍ୟା ଘେରରେ। ବଲାଙ୍ଗିର ସହରରରେ ବାଇପାସ ଓ ରିଂଗରୋଡ ଅଧାପନ୍ତୁରିଆ ଚାଲୁଥିବା ବେଳେ ସହରର ପରିମଳ ବ୍ୟବସ୍ଥା ଆହୁରି ଜଟିଳ। ସହରରେ ଭାରି ଯାନ ଯିବା ଆସିବା କରିବା ଯୋଗୁଁ ଚକତଳେ ଯାଉଛି ଅନେକଙ୍କ ଜୀବନ। ସହରର ବସ୍ତି ଅଞ୍ଚଳର ବିକାଶ ନାହିଁ କହିଲେ ଚଳେ। ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ବହୁ ଡାକ୍ତର ପଦବୀ ଖାଲି। ଏଠି ସ୍ୱାସ୍ଥ୍ୟବସ୍ଥାର ସ୍ୱାସ୍ଥ୍ୟ ଅବସ୍ଥା ଭାରି ଖରାପ କହିଲେ ଭୁଲ୍ ହେବନି। ଏବେ ଆସନ୍ତୁ ରାଜନୀତି ଆଡ଼କୁ।

## ଟେଷ୍ଟ ଦେବେ କଳିକେଶ - ସମରେନ୍ଦ୍ର !

୨୦୨୯ରେ ବଲାଙ୍ଗୀର ନିର୍ବାଚନମଣ୍ଡଳୀରେ କିଏ ପିନ୍ଧିବ ସୁନା ମୁକୁଟ? ଏଠି ପୁଣି ଶଙ୍ଖ ଧ୍ୱନି ଶୁଭିବ ନା ହାତ ଉଠିବ? ନା ପଦ୍ମଫୁଲକୁ ସୁଯୋଗ ଦେବେ ଜନତା। କାହା ପାଖକୁ ଯିବ କ୍ଷମତାର ଡୋରି। ୨୦୨୭ ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବା ବେଳେ ଭୋଟରଙ୍କ ପାଖରେ ଏମିତି ଚର୍ଚ୍ଚା ଜୋର୍ ଧରିଛି। ୨୦୧୯ ନିର୍ବାଚନରେ ନରସିଂହ ମିଶ୍ର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ମଧ୍ୟ ୨୦୨୨ ପଞ୍ଚାୟତ ନିର୍ବାଚନରେ କଂଗ୍ରେସକୁ ଜୋରଦାର ଝଟକା ଲାଗିଥିଲା। ଦେଓଗାଁ, ବଲାଙ୍ଗୀର ସଦର ବ୍ଲକର ସମସ୍ତ ଜିଲ୍ଲା ପରିଷଦ ଆସନ ସମେତ ଦେଓଗାଁ ଓ ବଲାଙ୍ଗୀର ବ୍ଲକ ଅଧ୍ୟକ୍ଷ ଗଠନ, ଜିଲ୍ଲା ପରିଷଦ ଗଠନ ଓ ବଲାଙ୍ଗୀର ପୌରପରିଷଦ ଗଠନରେ ସାଗୁଆ ବାନା ଉଡାଇ ଥିଲା ବିଜେଡି। ସେ ଦୃଷ୍ଟିରୁ ଆଗାମୀ ପଞ୍ଚାୟତ ନିର୍ବାଚନ ବିଧାୟକ କଳିକେଶ ନାରାୟଣ ସିଂହଦେଓ ଏବଂ ପରାଜିତ କଂଗ୍ରେସ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ରଙ୍କ ପାଇଁ ଏସିଡ ଟେଷ୍ଟ ହେବ। ଆଗାମୀ ପଞ୍ଚାୟତ ନିର୍ବାଚନ ଫଳାଫଳ ୨୦୨୯ ନିର୍ବାଚନର ଫଳାଫଳ ନିର୍ଣ୍ଣୟ କରିବ ବୋଲି କୁହାଯାଉଛି।

## ଅମରେନ୍ଦ୍ର ନା ସମରେନ୍ଦ୍ର !

ମୁଣ୍ଡ ଉପରେ ପଞ୍ଚାୟତ ନିର୍ବାଚନ। ବଲାଙ୍ଗୀର ନିର୍ବାଚନମଣ୍ଡଳୀରେ ବିଜେପିର ସଂଗଠନ ଶୂନ କହିଲେ ଚଳେ। କାରଣ ବିଜେପି ସଂଗଠନକୁ ମଜବୁତ ରଖିଥିବା ଡକ୍ଟର ବାସୁଦେବ ପତି ଏବେ ରାଜନୀତିରେ ନିଷ୍କ୍ରିୟ। ତେବେ ଏଠି କଡା ମୁକାବିଲା ହେବ ବିଜେଡି ଓ କଂଗ୍ରେସ ମଧ୍ୟରେ। କଳିକେଶ ସିଂହଦେଓଙ୍କ ନେତୃତ୍ୱରେ ବିଜେଡି ପଞ୍ଚାୟତ ନିର୍ବାଚନ ଲଢିବା ଏକ ପ୍ରକାର ନିଶ୍ଚିତ। ସେହିପରି କଂଗ୍ରେସ କ୍ୟାମ୍ପର ମଙ୍ଗ କିଏ ଧରିବ ତାହା ସ୍ପଷ୍ଟ ହୋଇ ପାରୁନାହିଁ। କାରଣ ଗତଥରର ପରାଜିତ କଂଗ୍ରେସ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ୨୦୨୪ ନିର୍ବାଚନ ପରେ ଆଉ ଆଗଭଳି ସକ୍ରିୟ ରହୁନାହାନ୍ତି ବୋଲି ଅଭିଯୋଗ ହେଉଛି। କିଛିଦିନ ତଳେ ସମରେନ୍ଦ୍ର ନିଖୋଜ ଫଟୋ ସୋସିଆଲ ମିଡିଆରେ ଜୋରଦାର ଭାଇରାଲ ହୋଇଥିଲା। ମିଳିଥିବା ସୂଚନା ଅନୁସାରେ ସମରେନ୍ଦ୍ରଙ୍କ ବଦଳରେ ନରସିଂହଙ୍କ ବଡପୁଅ ଅମରେନ୍ଦ୍ର ମିଶ୍ରଙ୍କୁ ମିଳିପାରେ ଆଗାମୀ ପଞ୍ଚାୟତ ନିର୍ବାଚନ ପରିଚାଳନା ଦାୟିତ୍ୱ। ଅମରେନ୍ଦ୍ର ମଧ୍ୟ ସଭାସମିତି କରି ନିଜର ଲୋକସମ୍ପର୍କ ଜାରି ରଖିଛନ୍ତି।

**ବଲାଙ୍ଗୀର ରାଜନୀତି**

## ବିଜେଡି, କଂଗ୍ରେସ ତୁତୁ ମେଁମେଁ

ବଲାଙ୍ଗୀରର ବିକାଶକୁ ନେଇ ରାଜ ପରିବାର ଓ ମିଶ୍ର ପରିବାର ମଧ୍ୟରେ ହୁଏ ଘମାଘୋଟ ଲଢେଇ। ବିଚ୍ ରାସ୍ତାରେ ଲଢେଇ ହୁଏ। ସାମନା ସାମନି ହୁଅନ୍ତି ପ୍ରତିପକ୍ଷ ନେତା। ସ୍ଥାନୀୟ ପ୍ରସଙ୍ଗ, ବିକାଶ ଓ ମୁଦ୍ଦାକୁ ନେଇ ଲଢେଇ ହୁଏ। ନିକଟରେ ବଲାଙ୍ଗୀର ସହରର ଜଳାଶୟଗୁଡିକର ପୁନଃରୁଦ୍ଧାରକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। କଂଗ୍ରେସ ଦୁର୍ନୀତିର ଗନ୍ଧ ବାରୁଥିବା ବେଳେ ବିଧାୟକ କଳିକେଶଙ୍କ ବିକାଶଧାରାକୁ କଂଗ୍ରେସ ସହିପାରୁନଥିବା ଅଭିଯୋଗ ଆଣିଛି ବିଜେଡି।

## ଚର୍ଚ୍ଚାରେ ଫେସବୁକ ୱାର !

ରାଜନୀତିରେ ଆରୋପ ପ୍ରତ୍ୟାରୋପ ଚାଲିବ। କିନ୍ତୁ ବଲାଙ୍ଗୀର ସଦର ନିର୍ବାଚନମଣ୍ଡଳୀରେ ଗ୍ରାଉଣ୍ଡ ରାଜନୀତି ଯେତିକି ଲଢେଇ ଓ ରୋଚକ ହୁଏ, ତାଠାରୁ ଅଧିକ ବଳିଯାଏ ଫେସବୁକ ରାଜନୀତି। ନେତାମାନଙ୍କୁ ଭିନ୍ନଭିନ୍ନ ଢଙ୍ଗରେ ଟ୍ରୋଲ ବାହିନୀ ବ୍ୟଙ୍ଗ କରନ୍ତି। ନିଜନିଜ ନେତାଙ୍କର ସପକ୍ଷରେ ଯୁକ୍ତିବାଢନ୍ତି ଅନେକ ବରିଷ୍ଠ, କନିଷ୍ଠ, ଛାତ୍ର ଓ ଯୁବନେତା। ଏପରିକି ବ୍ୟକ୍ତିଗତସ୍ତର ପର୍ଯ୍ୟନ୍ତ ଆକ୍ଷେପ ପ୍ରତି ଆକ୍ଷେପ କରିବାକୁ ପଛାନ୍ତି ନାହିଁ ଟ୍ରୋଲ ବାହିନୀ। ଯାହାକୁ ବୁଦ୍ଧିଜୀବି ମହଲରେ ନାପସନ୍ଦ କରାଯାଉଛି। ଏଣୁ ସାଧାରଣରେ ଗୋଟିଏ ଚର୍ଚ୍ଚା ନେତା-ନେତା ଯେତିକି ଭିଡାଭିଡି ହେଉନାହାନ୍ତି କର୍ମୀ ସେତେ ଭିଡି ହେଉଛନ୍ତି।

ODIA WEEKLY GARVIT ODIA

# ପୁରୀ ବିଜେପିରେ ରକ୍ତ କଳି

ଶୀର୍ଷକ ପଢ଼ି ଆପଣ ଚମକି ପଡୁଥିବେ। ଭାବୁଥିବେ ପୁରୀ ବିଜେପିରେ ବୋଧେ କଳିଗୋଳ ଲାଗି ରକ୍ତ ବୋହିପଡ଼ିଛି। କିନ୍ତୁ ଆଜ୍ଞା କଥାଟା ସେଇଆ ନୁହେଁ। ରକ୍ତଦାନ ଶିବିରକୁ ନେଇ ବିଜେପି କନ୍ଦଳ ପଦାରେ ପଡ଼ିଛି।

ଆଜିକାଲି ତ ନିମାପଡା, ପୁରୀ, କାକଟପୁର ସବୁଠି ବିଜେପିରେ ବାଦୀପାଲା ଚାଲିଛି। ଗଲା ଜୁନ୍ ୨୬ରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ଯୋଗଦେଇଥିଲେ ପୁରୀ ସାଂସଦ ଡା. ସମ୍ବିତ ପାତ୍ର ଏବଂ ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ। ହେଲେ ସାମାଜିକ ଗଣମାଧ୍ୟମ ଓ ଗଣମାଧ୍ୟମରେ ଦୁଇ ନେତା ଯାହା କହିଲେ, ତାହା ଶୁଣିଲେ ଯେକେହିବି ଆଶ୍ଚର୍ଯ୍ୟ ହେବ। ସାଂସଦଙ୍କ କହିବା କଥା ହେଉଛି, ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ଅବସରରେ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିପାଇଁ ଆୟୋଜକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କୁ ସେ ଧନ୍ୟବାଦ ଜଣାଇଥିଲେ। ହେଲେ ଜୟନ୍ତ କିନ୍ତୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ଶିବିରର ଆୟୋଜନ କରିଥିଲେ। ଏମିତିକି ରକ୍ତଦାନ ଶିବିରରେ ବଡ଼ ବଡ଼ ବ୍ୟାନରରେ ଧର୍ମେନ୍ଦ୍ରଙ୍କ ଫଟୋ ସହ ଏକଥା ଲେଖା ହୋଇଥିଲା। ସମ୍ବିତ ପାତ୍ରଯେ, ଏକଥା ପଢ଼ିନାହାନ୍ତି ସେକଥା ନୁହେଁ। ହେଲେ ଧର୍ମେନ୍ଦ୍ରଙ୍କୁ ନୀଚା ଦେଖାଇବାକୁ ସମ୍ବିତଙ୍କ ଏମିତି ଫନ୍ଦିକୁ ନେଇ ଏବେ ପୁରୀ ରାଜନୀତିରେ ଚର୍ଚ୍ଚା ଜୋରଧରିଛି।

ତେବେ ଘଟଣା ହେଉଛି ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜନ୍ମ ତାରିଖ ହେଉଛି ଜୁଲାଇ ୬ ତାରିଖ ଓ ମୃତ୍ୟୁ ଦିବସ ହେଉଛି ଜୁନ୍ ୨୩ ତାରିଖ। ଶୁକ୍ରବାର ଅର୍ଥାତ ଜୁନ୍ ୨୬ ତାରିଖ ହେଉଛି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ଜନ୍ମ ଦିନ। ମାନ୍ୟବର ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ, ଗୃହ ମନ୍ତ୍ରୀ, ରାଜ୍ୟପାଳ, ଭାରତର ବିଭିନ୍ନ ରାଜ୍ୟରୁ ଅଧ ଡର୍ଜନ ବିଜେପି ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଓଡ଼ିଶାର ମୁଖ୍ୟମନ୍ତ୍ରୀ, ରାଜ୍ୟ ବିଜେପିର ଅନେକ ନେତା, ମନ୍ତ୍ରୀ ଓ ବିଧାୟକ ତଥା ଧର୍ମେନ୍ଦ୍ରଙ୍କ ବିରୋଧି ବୋଲି ଚର୍ଚ୍ଚା ହେଉଥିବା ବୈଜୟନ୍ତ ପଣ୍ଡା ପର୍ଯ୍ୟନ୍ତ ଧର୍ମେନ୍ଦ୍ରଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ଦୀପଦାନ, ରକ୍ତଦାନ ଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

**ମହାମୂର୍ଖ ଉବାଚ**



| ଡ଼ଃ କୁଳାଙ୍ଗାର |

# ନେତାଙ୍କ ଦାୟାଦ

ଲୋକେ ଭାବନ୍ତି ନେତା ମହା
ଖେଳାଳି ଏବଂ ଯାଦୁଗର;
ନେତା ଧନୀ ବାହୁବଳୀ
ମହା କଳାକାର!!
ଯେବେ ଯାହା ଦରକାର,
ନେତା ହିଁ କରି ପାରିବେ
ଲନ୍ଦପନ୍ଦ ସବୁ କାରବାର!

ନେତା ହେବା ବ୍ରତ ପରି
ପିନ୍ଧି ହୁଏନା ଷ୍ଟାଇଲି ପୋଷାକ;
ସବୁବେଳ ଜୋକପରି
ଆଗରେ ପଛେ ଲୋକ!
ଫୁଲମାଳ ବହୁଥାଏ ବେକ,
ମାଇକି ମାଇକି ବୋଲି
ମୁହଁ ଜିଭ ହୁଏ ଟକଟକ!!

ନେତା ବୁଢ଼ା ହୋଇଗଲେ
ରଜା ପରି ତାଙ୍କରି ସନ୍ତାନ;
ସମ୍ଭାଳନ୍ତି ବିରଦରୀ କର୍ମୀ
ଦଳ ଆଉ ସଂଗଠନ!
ଆଉ ଯିଏ ସନ୍ତାନହୀନ,
ସେ ସ୍ଥାନକୁ ନେବାପାଇଁ
ହଙ୍କ ହଙ୍କ ସଭିଙ୍କର ମନ!!

ମଣିଷରୁ ନେତାଟିଏ ପାଲଟିବା
ପାଇଁ ଯେତିକି କଷ୍ଟ;
ନେତାଟିଏ ମଣିଷ ପାଲଟିବା
ତା'ଠୁ ଅଧିକ କଷ୍ଟ!
ସମୟ ବହୁତ ନଷ୍ଟ,
ଲୋକେ ତମକୁ କଣ ଭାବନ୍ତି
ବୁଝିବା ଭାରି କଷ୍ଟ!!

ନେତା ଜଣେ ସାରା ରାଜ୍ୟ
ବୁଲିକି ଆସିଲେ;
ଫେରିଆସି ସାରା ରାଜ୍ୟ
ଏକ ବୋଲି କର୍ମୀକି ଭାଷିଲେ!
ଏ କଥାଟି କେମିତି ଦିଶିଲେ,
ପଚାରନ୍ତେ କହିଲେ ସେ ସବୁପ୍ରାନ୍ତେ
ଦୋ-ଅକ୍ଷରୀ ଶବ୍ଦରେ ବର୍ଷିଲେ!

ଅନେକ ପିଲା ତାଙ୍କର
ଯେଣୁ ସିଏ ରାଶିରେ ମରଦ;
ବାଡିଆପିଟା ମଣିଷ
ହେବାପାଇଁ ନେତାଙ୍କ ଦାୟାଦ!
ମଲେ ସେ ଦରଦ,
ପାଇକରି ଜିତିବାକୁ ନେତାଙ୍କର
ପିଲାଛୁଆ ହୁଅନ୍ତି ଗଦଗଦ!!

ନେତା କିନ୍ତୁ ବୁଢାକାଳେ
ଭୁଲିକରି ପୂର୍ବ ଅବଦାନ;
ଏକବାଗିଆ ହୋଇକି ଯାହାକୁ
ଭଲ ପାଇଲେ ଦେଲେ ତାଙ୍କୁ ଦାନ!
ମହାମୂର୍ଖ କହେ ଦେଇ ମନ,
ରାଜନୀତିରେ ଭାବ ପ୍ରବଣତାରେ
କ୍ଷତି ବେଶି ଲାଭ ହୁଏ ଶୂନ!!

# 'ଛତିଶଗଡ ନିକଟରେ ମୁଣ୍ଡ ବିକିଦେଲେ'

## ମହାନଦୀ ଜଳ ବିବାଦ

ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଛତିଶଗଡ ଓ କର୍ପୋରେଟ୍ ସଂସ୍ଥାଙ୍କ ସ୍ୱାର୍ଥରେ କାମ କରୁଛି ଓଡିଶା ବିଜେପି ସରକାର। ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ଗତ ମାସରେ ଯୁଗ୍ମ ବୈଷୟିକ କମିଟି ଦେଇଥିବା ରିପୋର୍ଟ ଓଡିଶାର ସ୍ୱାର୍ଥ ବିରୋଧରେ ଯାଉଛି ବୋଲି ବିଜେଡ଼ି ଅଭିଯୋଗ କରିଛି।


ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ରୋହିତ ପୂଜାରୀ ଓ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର କହିଛନ୍ତି ଯେ, ଗତବର୍ଷ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟ ଏବଂ ଗତ ମାସରେ ଟ୍ରିବ୍ୟୁନାଲରେ ଦାଖଲ ହୋଇଥିବା ତଥ୍ୟ ମଧ୍ୟରେ କୌଣସି ତାଳମେଳ ନାହିଁ।

ଶ୍ରୀ ବକ୍ସିପାତ୍ର କହିଥିଲେ ଯେ, ଛତିଶଗଡ ଏବଂ କର୍ପୋରେଟ୍ ସଂସ୍ଥାମାନଙ୍କୁ ସୁହାଇଲା ଭଳି ଭୂମିକା ଓଡିଶା ସରକାର ନେବା ଦୁର୍ଭାଗ୍ୟଜନକ। ଟ୍ରିବ୍ୟୁନାଲ ନିକଟରେ ଗତ ମାସରେ ଯୁଗ୍ମ ବୈଷୟିକ କମିଟି ଦାଖଲ କରିଥିବା ରିପୋର୍ଟ ଅନୁଯାୟୀ, ମହାନଦୀର ଅବବାହିକାରେ ୬୨.୩୬ ନିୟୁତ ଏକର ଫୁଟ୍ ପାଣି ଉପଲବ୍ଧ ଅଛି। ଛତିଶଗଡ ଓ ଓଡିଶା ସୀମାନ୍ତରେ ୨୮.୪୮, ହୀରାକୁଦ ନିକଟରେ ୩୨.୮୩ ଓ ନରାଜ ନିକଟରେ ୫୬.୨୯ ନିୟୁତ ଏକର ଫୁଟ ପାଣି ଉପଲବ୍ଧ। ଏଥିରୁ ସ୍ପଷ୍ଟ ହେଉଛି ଯେ, ଓଡିଶାରେ ମହାନଦୀରେ ପ୍ରଚୁର ପାଣି ରହିଛି ଏବଂ ଛତିଶଗଡ ସହିତ ବିବାଦର କୌଣସି ଯର୍ଥାଥତା ନାହିଁ। ଏହି ରିପୋର୍ଟକୁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି।

ଅପରପକ୍ଷରେ ୨୦୨୫ ଅଗଷ୍ଟ ୨୫ରେ ଓଡିଶା ବିଧାନସଭାରେ ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟ ଅନୁଯାୟୀ ମହାନଦୀର ଉପରମୁଣ୍ଡରେ ଛତିଶଗଡ ବନ୍ଧ ବାନ୍ଧିବା କାରଣରୁ ଅଣମୌସୁମୀ ସମୟରେ ଓଡିଶାରେ ଜଳ ପ୍ରବାହ ହ୍ରାସ ପାଇଛି। ସରକାରକୁ ଆସିଲା ପରେ ତୁରନ୍ତ ମହାନଦୀ ଜଳ ବଣ୍ଟନ ସମସ୍ୟା ସମାଧାନ କରିଦେବୁ ବୋଲି ବାହାସ୍ଫୋଟ ମାରୁଥିବା ବିଜେପି ସରକାର ଆଜି ଛତିଶଗଡ ନିକଟରେ ମୁଣ୍ଡ ବିକିଦେଇଛି। ତୁରନ୍ତ ରାଜ୍ୟ ସରକାର ଏସଂପର୍କରେ ଶ୍ୱେତପତ୍ର ପ୍ରକାଶ କରିବାକୁ ବିଜେଡ଼ି ଦାବି କରିଛି।

ଅନ୍ୟପଟେ ଶ୍ରୀ ପୂଜାରୀ କହିଥିଲେ, ୨୦୧୮ରେ ତତ୍କାଳୀନ ବିଜେଡି ସରକାର ସୁପ୍ରିମକୋର୍ଟ ଓ ଟ୍ରିବ୍ୟୁନାଲରେ ଛତିଶଗଡ ମହାନଦୀରେ ପାଣି ଅଟକାଇବା ନେଇ ଦୃଢ ଦାବି ଉପସ୍ଥାପନ କରିଥିଲା ବେଳେ ବର୍ତ୍ତମାନର ବିଜେପି ସରକାର ଛତିଶଗଡ ଦେଇଥିବା ତଥ୍ୟକୁ ଯୁଗ୍ମ ବୈଷୟିକ କମିଟି ନିକଟରେ ଅନୁମୋଦନ କରି ଓଡିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇଛନ୍ତି। ମହାନଦୀ ଶୁଖିଲା ପଡିଥିଲା ବେଳେ ପର୍ଯ୍ୟାପ୍ତ ପାଣି ଉପଲବ୍ଧ ଅଛି ବୋଲି ଟ୍ରିବ୍ୟୁନାଲ ନିକଟରେ ସହମତି ପ୍ରକାଶ କରିବା, ଡବଲ ଇଂଜିନ ସରକାରର ରାଜ୍ୟବାସୀଙ୍କ ପ୍ରତି ଚରମ ଉପହାସ ବୋଲି ବିଜେଡି କହିଛି।

# ରାଜ୍ୟ କଂଗ୍ରେସର ନୂଆ ପ୍ରଭାରୀ



ସାଙ୍ଗଠନିକ ସ୍ଥିତିକୁ ଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଅଖିଳ ଭାରତୀୟ କଂଗ୍ରେସ କମିଟି ଗୁଜରାଟର ବରିଷ୍ଠ କଂଗ୍ରେସ ନେତା ଲାଲଜୀ ଦେଶାଇଙ୍କୁ ଓଡ଼ିଶାର ନୂଆ ଏଆଇସିସି ପ୍ରଭାରୀ ଭାବେ ନିଯୁକ୍ତ କରିଛି। ସେ ବର୍ତ୍ତମାନର ପ୍ରଭାରୀ ଅଜୟ କୁମାର ଲଲୁଙ୍କ ସ୍ଥାନ ନେବେ। ଏହି ନିଯୁକ୍ତି ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ଏଆଇସିସି ସାଧାରଣ ସମ୍ପାଦକ (ସଂଗଠନ) କେ.ସି. ଭେନୁଗୋପାଳ ଜାରି କରିଥିବା ବିଜ୍ଞପ୍ତିରେ କୁହାଯାଇଛି।

ଲାଲଜୀ ଦେଶାଇ କଂଗ୍ରେସର ଜଣେ ଦକ୍ଷ ସାଙ୍ଗଠନିକ ନେତା ଭାବେ ପରିଚିତ। ସେ ୨୦୧୮ରୁ ଅଖିଳ ଭାରତୀୟ କଂଗ୍ରେସ ସେବାଦଳର ମୁଖ୍ୟ ସଂଗଠକ ଭାବେ କାର୍ଯ୍ୟ କରୁଛନ୍ତି। ଦଳର ସାଙ୍ଗଠନିକ ବିସ୍ତାର, କର୍ମୀ ପ୍ରଶିକ୍ଷଣ, ସଦସ୍ୟତା ଅଭିଯାନ ଏବଂ ନିର୍ବାଚନୀ ପ୍ରସ୍ତୁତିରେ ତାଙ୍କର ଦୀର୍ଘ ଅଭିଜ୍ଞତା ରହିଛି। ସେ କଂଗ୍ରେସ ୱାର୍କିଂ କମିଟିର ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ମଧ୍ୟ ଅଟନ୍ତି।

ଅନ୍ୟପକ୍ଷରେ, ଉତ୍ତର ପ୍ରଦେଶ କଂଗ୍ରେସର ପୂର୍ବତନ ସଭାପତି ଅଜୟ କୁମାର ଲଲୁ ୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନ ପରବର୍ତ୍ତୀ ସମୟରେ ଓଡ଼ିଶାର ଦାୟିତ୍ୱ ସମ୍ଭାଳିଥିଲେ। ତାଙ୍କ କାର୍ଯ୍ୟକାଳରେ ରାଜ୍ୟ କଂଗ୍ରେସର ସାଙ୍ଗଠନିକ ପୁନର୍ଗଠନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲା କଂଗ୍ରେସ ସଭାପତିଙ୍କ ନିଯୁକ୍ତି ସହ 'ସଙ୍ଗଠନ ସୃଜନ ଅଭିଯାନ\' ମାଧ୍ୟମରେ ବୁଥ୍ ସ୍ତରରେ ଦଳକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯାଇଥିଲା। ଏଆଇସିସି ପକ୍ଷରୁ ଜାରି ବିଜ୍ଞପ୍ତିରେ ଲଲୁଙ୍କ ଅବଦାନକୁ ପ୍ରଶଂସା କରାଯାଇଛି।

୨୦୨୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଓଡ଼ିଶାରେ ଦଳୀୟ ସଂଗଠନକୁ ମଜଭୁତ କରିବା, ବୁଥ୍ ସ୍ତରରେ କର୍ମୀଙ୍କୁ ସକ୍ରିୟ କରିବା ଏବଂ ରାଜ୍ୟ ନେତୃତ୍ୱ ସହ ସମନ୍ୱୟ ବୃଦ୍ଧି କରିବା ଲାଲଜୀ ଦେଶାଇଙ୍କ ପାଇଁ ପ୍ରମୁଖ ଆହ୍ୱାନ ହେବ।

ଗର୍ବିତ ଓଡ଼ିଆ




# ଜନ୍ମଦିନର ଅଭିନନ୍ଦନ

## ବ୍ୟୋମକେଶ ରାୟ୍

(ଜୁଲାଇ ୧)



୧୯୮୧ ଜୁଲାଇ ପହିଲାରେ ଜନ୍ମଗ୍ରହଣ କରିଥିଲେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ। ଛାତ୍ର ରାଜନୀତିରୁ କ୍ୟାରିୟର ଆରମ୍ଭ କରିଥିବା ବାପି ଏବେ ବିଜେଡ଼ିର ଆଗଧାଡ଼ିର ନେତା ଭାବେ ପରିଗଣିତ। ୨୦୧୪ରେ ପ୍ରଥମ ଥର ପାଇଁ ବିଧାନସଭାକୁ ଆସିଥିବା ଶ୍ରୀ ରାୟ ଚାନ୍ଦବାଲିରୁ ହାଟ୍ରିକ ମାରି ସାରିଲେଣି।

## ଟଙ୍କଧର ତ୍ରିପାଠୀ

(ଜୁଲାଇ ୨)



ବିଜେପିର ଟାଣୁଆ ଯୁବନେତା ଭାବେ ଟଙ୍କଧର ତ୍ରିପାଠୀଙ୍କର ସୁଖ୍ୟାତି ରହିଛି। ୧୯୮୧ ମସିହା ଜୁଲାଇ ୨ରେ ସେ ଜନ୍ମଗ୍ରହଣ କରିଥିଲେ। ଏବିଭିପିରୁ ସାଂଗଠନିକ କ୍ୟାରିୟର ଆରମ୍ଭ କରିଥିବା ଟଙ୍କଧର ପରେ ବିଜେପି ଯୁବମୋର୍ଚ୍ଚାର ସଭାପତି ମଧ୍ୟ ହୋଇଥିଲେ। ସାଂଗଠନିକ ଦକ୍ଷତା ପାଇଁ ୨୦୨୪ରେ ସେ ପ୍ରଥମ ଥର ଝାରସୁଗୁଡ଼ାରୁ ବିଧାୟକ ହେବାର ସୌଭାଗ୍ୟ ପାଇଛନ୍ତି।

## ତୁଷାରକାନ୍ତି ବେହେରା

(ଜୁଲାଇ ୧)



କାକଟପୁରର ବିଧାୟକ ତୁଷାରକାନ୍ତି ବେହେରା ୧୯୮୩ ମସିହା ଜୁଲାଇ ପହିଲାରେ ଜନ୍ମଗ୍ରହଣ କରିଥିଲେ। ଆଇଆଇଟି ଖଡ଼ଗପୁରରୁ ଏମଟେକ କରିଥିବା ତୁଷାର ୨୦୧୯ରେ ପ୍ରଥମ ଥର ପାଇଁ ବିଧାୟକ ହୋଇଥିଲେ। ପ୍ରଥମ ଥର ବିଧାୟକ ହୋଇଥିଲେବି ଦକ୍ଷତା ପାଇଁ ନବୀନ ସରକାରରେ ସେ ମନ୍ତ୍ରୀ ରହିଥିଲେ। ୨୦୨୧ରେ ସେ ଆଦର୍ଶ ଯୁବ ବିଧାୟକ ସମ୍ମାନ ପାଇଥିଲେ। ୨୦୨୪ରେ ସେ ପୁଣିଥରେ କାକଟପୁରରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି।

## ରମେଶ ଚନ୍ଦ୍ର ବେହେରା

(ଜୁଲାଇ ୪)



୧୯୭୬ ମସିହା ଜୁଲାଇ ୪ରେ ଜନ୍ମଗ୍ରହଣ କରିଥିଲେ ରମେଶ ଚନ୍ଦ୍ର ବେହେରା। ରାଜନୀତି ବିଜ୍ଞାନରେ ଏମଏ କରିଥିବା ଶ୍ରୀ ବେହେରା ୨୦୦୫ରୁ ୨୦୧୮ ପର୍ଯ୍ୟନ୍ତ ସରକାରୀ ଚାକିରୀ କରିଥିଲେ। ପରେ ସେ ଚାକିରୀ ଛାଡ଼ି ରାଜନୀତିକୁ ଆସିବା ସହ ୨୦୧୯ରେ ପ୍ରଥମ ଥର ଦଶପଲ୍ଲାରୁ ବିଧାୟକ ହୋଇଥିଲେ। ଏଯାବତ୍ ଦୁଇ ଥର ବିଧାୟକ ହୋଇଥିବା ଶ୍ରୀ ବେହେରା ଅନେକ ପୁସ୍ତକ ମଧ୍ୟ ରଚନା କରିଛନ୍ତି।

# ପଣ୍ଡାଙ୍କ ଘା'ରେ ପ୍ରଧାନ ଚୁନ



ଏତ କଳି କାଳ ରୀତି ବିପରୀତ ଭାଇରେ... ଆଣ ରଣଚଣ୍ଡୀ ଘରେ ଆଉ ବାଟ ନାହିଁ ନାହିଁରେ... କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦିଲ୍ଲୀରୁ ଆସି ସିଧା ଗଲେ କେନ୍ଦ୍ରାପଡ଼ା। ପ୍ରଭୁ ବଳଦେବଜୀଉଙ୍କ ଦର୍ଶନ କଲେ। ହେଲେ ତାଙ୍କ ନିର୍ବାଚନ ମଣ୍ଡଳୀରେ କଣ କିଛି ମନ୍ଦିର ନାହିଁ ନା ଠାକୁର ନାହାନ୍ତି ? କେନ୍ଦ୍ରାପଡ଼ା କାହିଁକି ଯିବେ ? ଏ କଥା କେନ୍ଦ୍ରାପଡ଼ିଆ ନେତାଙ୍କୁ ହଜମ ହେଲାନି ବୋଧେ। ସିଧା ନିଜ ଟିଭି ଚ୍ୟାନେଲକୁ ମୁକୁଙ୍କ ପଛରେ ଲଗେଇଦେଲେ। ସେପଟେ କିଛି ସମର୍ଥକଙ୍କୁ କହି ଗୋଟାଏ ଦୁଇଟା ବ୍ୟାନର ଚିରି ପକାଇଲେ। ଧର୍ମେନ୍ଦ୍ର ଭୁବନେଶ୍ୱର ବିମାନ ବନ୍ଦରରେ ଓହ୍ଲାଇଛନ୍ତି କି ନାହିଁ ସିଆଡ଼େ ଟିଭିରେ ବ୍ରେକିଂ ଚାଲିଲାଣି କେନ୍ଦ୍ରମନ୍ତ୍ରୀଙ୍କୁ କେନ୍ଦ୍ରପଡ଼ାରେ ବିରୋଧ। ଆରେ ବାବୁ ବଳଦେବଜୀଉ କଣ ଖାଲି ତମ ଠାକୁର ? ସିଏ ପରା ଓଡ଼ିଆଙ୍କ ମଉଡ଼ମଣୀ ଜଗାର ବଡ଼ ଭାଇ। ତାଙ୍କୁ କଣ କେହି ଦର୍ଶନ କରିପାରିବେ ନାହିଁ। ତାପରେ ମୁକୁ ଭାଇ ଆମର ସାରା ଓଡ଼ିଶା ନେତା। ସେ ଲଗାଇଥିବା ଚାରା ଏବେ ବଡ଼ ଗଛ ହୋଇ ଫଳ ଫଳିବାରୁ ତମେ ସବୁ ଖାଉଛ। ଏ କଥା ମାନିବାରେ କୁଣ୍ଠା କାହିଁକି ? ହଁ ତାଙ୍କର ଏବେ ଟିକିଏ ସମୟ ଖରାପ ଚାଲିଛି। ତା ବୋଲି କଣ ନଇଁ ପଡ଼ିଥିବ ଯେତିକି ବେଳେ ବିଧାଏ ମାରିବ ସେତିକି ବେଳେ। ନିଜ ଖରାପ ସମୟ କଥା ଭୁଲିଗଲେ କେମିତି ହେବ ? ସେତେବେଳେ ମୁକୁ ଭାଇଙ୍କର ଯୋଉ କ୍ଷମତା ଥିଲା ଯଦି ସିଏ ନାଲି ପତାକା ଦେଖାଇ ଦେଇଥାଆନ୍ତେ ତମେ ପା' ଗାଉଥାଆନ୍ତ ଏ କୂଳର ହେଲି ନା ସେ କୂଳର ହେଲି.... ହଉ ସବୁ ସେଇ ଜଗନ୍ନାଥଙ୍କ ଇଚ୍ଛା। ହେଲେ ବାବୁ ଟିକିଏ ଦେଖିକି, ଧର୍ମେନ୍ଦ୍ରଙ୍କ ସହ କୋଉ ବିଧାୟକ ଅଛନ୍ତି ଟିକିଏ ଭିତିରିଆ ଖବର ରଖୁଥିବ। ନହେଲେ ହେଲିକପ୍ଟର ଓହ୍ଲାଇବାକୁ ପଡ଼ିଆ ମିଳିବନି ଯେ

ଗର୍ବିତ ଓଡ଼ିଆ ODIA WEEKLY GARVIT ODIA

Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor: BALARAM RANASINGH

Bureau Head: BHABANI PRASAD DAS